## ଯୁବକଙ୍କ ଗଳିତ ମୃତଦେହ ଜବତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ମୁଖୀଗୁଡା ବ୍ରାହ୍ମଣ ସମାଜ ସ୍ମଶାନ ନିକଟରେ ଶୁକ୍ରବାର ଏକ ଗଳିତ ମୃତଦେହ ଜବତ କରାଯାଇଛି। ତାଙ୍କ ନାମ ତ୍ରିଲୋଚନ ଧଙ୍ଗଡାମାଝି (୫୦) ଓ ସେ ମୁଖୀଗୁଡାର ବୋଲି ଜଣାପଡିଛି। ଗତ ୪ ଦିନ ତଳେ ମୁଖୀଗୁଡା ପୁରୁଣା ମାର୍କେଟର ତ୍ରିଲୋଚନ ନିଖୋଜ ଥିଲେ। ଏ ନେଇ ମୁଖୀଗୁଡା ଫାଣ୍ଡିରେ ପରିବାରବର୍ଗରୁ ସୂଚନା ଦିଆଯାଇଥିଲା। ଶୁକ୍ରବାର ଅପରାହ୍ନରେ ମୁଖୀଗୁଡା ବ୍ରାହ୍ମଣ ସମାଜ ସ୍ମଶାନ ନିକଟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ସନ୍ଧ୍ୟାରେ ମୃତଦେହ ଜବତ କରାଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୭୪.୬୩ ପ୍ରତିଶତ ମତଦାନ

- ୨୮ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍
- ଆଗଲପୁର ବ୍ଲକରେ ସର୍ବାଧିକ ୮୧.୫୫ ପ୍ରତିଶତ ଭୋଟ ଗ୍ରହଣ
- ପୁଇଁତଲାରେ ୬୫.୭୬ ପ୍ରତିଶତ ଭୋଟ

**ବଲାଙ୍ଗୀର ଅଫିସ, ୧୮।୨:** ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିଛି। ବଲାଙ୍ଗୀର ଜିଲାରେ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟ ହାର ବୃଦ୍ଧି ପାଇଛି। ପ୍ରଥମ ପର୍ଯ୍ୟାୟରେ ୭୦.୨୪ ପ୍ରତିଶତ ମତଦାନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୭୪.୬୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଏଥିରୁ ପଞ୍ଚାୟତ ନିର୍ବାଚନକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗଲପୁର, ଲୋଇସିଂହା ଓ ପୁଇଁତଲା ବ୍ଲକର ୭ଟି ଜିଲା ପରିଷଦ ଜୋନ୍, ୬୫ ଗ୍ରାମପଞ୍ଚାୟତ ଓ ୮୧୦ଟି ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆଗଲପୁର ବ୍ଲକରେ ସର୍ବାଧିକ ୮୧.୫୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ସେହିପରି ଲୋଇସିଂହା ବ୍ଲକରେ ୭୭.୬୩ ଓ ପୁଇଁତଲା ବ୍ଲକରେ ୬୫.୭୬ ପ୍ରତିଶତ ମତଦାନ ହୋଇଛି। ଆଗଲପୁର ବ୍ଲକରେ ସର୍ବାଧିକ ୬୧,୬୩୩ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ଲୋଇସିଂହା ବ୍ଲକରେ ୫୮,୪୧୦ ଭୋଟର ଏବଂ ପୁଇଁତଲା ବ୍ଲକରେ ୫୫, ୬୩୮ ଭୋଟର ମତଦାନ କରିଥିବା ଜଣାପଡିଛି। ଶୁକ୍ରବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ଆଗଲପୁର ବ୍ଲକରେ ୨୦ଟି ଗ୍ରାମ ପଞ୍ଚାୟତକୁ ନେଇ ୨ଟି ଜିଲା ପରିଷଦ ଜୋନ୍ ଗଠିତ ହୋଇଛି। ଏହି ବ୍ଲକରେ ୨୫୦ଟି ଭୋଟ ଗ୍ରହଣ କେନ୍ଦ୍ର ବା ବୁଥ୍ କରାଯାଇଥିଲା। ଲୋଇସିଂହା ବ୍ଲକରେ ୨୦ଟି ଗ୍ରାମପଞ୍ଚାୟତକୁ ନେଇ ୨ଟି ଜିଲା ପରିଷଦ ଜୋନ୍ କରାଯାଇଛି। ଏଠାରେ ୨୩୯ଟି ବୁଥ୍ କରାଯାଇଛି। ପୁଇଁତଲା ବ୍ଲକରେ ୨୫ଟି ଗ୍ରାମପଞ୍ଚାୟତକୁ ନେଇ ୩ଟି ଜିଲା ପରିଷଦ ଜୋନ ଗଠନ କରାଯାଇଛି। ଏଠାରେ ସର୍ବାଧିକ ୩୨୧ ମତଦାନ କେନ୍ଦ୍ର କରାଯାଇଥିଲା। ୭ଟି ଜିଲା ପରିଷଦ ଜୋନ୍‌ରେ ୨୮ ଜଣ ଜିଲା ପରିଷଦ ପ୍ରାର୍ଥୀ, ୨୭୭ ସରପଞ୍ଚ ପ୍ରାର୍ଥୀ ଓ ୨୩୧ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ଭୋଟରମାନେ ମତଦାନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆଗଲପୁର ବ୍ଲକର ୩୩ଟି ସମ୍ବେଦନଶୀଳ ଓ ୪ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା। ଲୋଇସିଂହା ବ୍ଲକରେ ୩୧ଟି ସମ୍ବେଦନଶୀଳ ଓ ୪ଟି ଅତିସମ୍ବେଦନଶୀଳ ବୁଥ୍ ଓ ପୁଇଁନ୍ତଲାରେ ୪୯ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା। ସୁରୁଖୁରୁରେ ଭୋଟ ଗ୍ରହଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏଥର ମତଦାନ ବୃଦ୍ଧି ପାଇଥିବାରୁ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଗାଁରେ ଉତ୍ସାହ ପରିଲକ୍ଷିତ ହେଉଥିବା ଦେଖାଯାଇଛି। ଜିଲା ପରିଷଦ ନିର୍ବାଚନରେ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଆକଳନ କରାଯାଇଛି। ଏବେ ଭୋଟ ବାକ୍ସରେ ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇରହିଛି।
















## ଠାକୁରପାଲିରେ ସରପଞ୍ଚ ଭୋଟ ସ୍ଥଗିତ

**ବଲାଙ୍ଗୀର ଅଫିସ/ଲୋଇସିଂହା (ଡି.ଏନ.ଏ.),୧୮।୨**

ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ବେଳେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଲି ୧୧ ନମ୍ବର ୱାର୍ଡର ଭୋଟ ଗ୍ରହଣ କେନ୍ଦ୍ରରେ ବାଲଟ ପେପର ଫୋଲ୍ଡିଂକୁ ନେଇ ପକ୍ଷପାତିତା ଅଭିଯୋଗ ସରପଞ୍ଚ ପ୍ରାର୍ଥୀମାନେ ଆଣିଛନ୍ତି। ଫଳରେ ଏଠାରେ ସରପଞ୍ଚ ଭୋଟକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ସରଗାଡ ଗ୍ରାମପଞ୍ଚାୟତର ସରପଞ୍ଚ ପଦ ପାଇଁ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସରପଞ୍ଚ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବାଲଟ୍ ପେପରରେ ୬ ଜଣ ପ୍ରାର୍ଥୀଙ୍କ ପାଇଁ ନାମ ଓ ଚିହ୍ନ ରହିଥିଲେ ମଧ୍ୟ ଏହି ଭୋଟ ଗ୍ରହଣ କେନ୍ଦ୍ରରେ କେବଳ ତିନି ଜଣ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଓ ଚିହ୍ନ ପରେ ତଳେ ଥିବା ପ୍ରାର୍ଥୀଙ୍କ ନାମ ଓ ଚିହ୍ନକୁ ଫୋଲ୍ଡିଂ କରାଯାଇଥିବାରୁ ତାହା ଭୋଟରମାନେ ଦେଖି ପାରି ନ ଥିବା ଅଭିଯୋଗ ହୋଇଥିଲା। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ଧରି ଏଭଳି କାଣ୍ଡ କରାଯାଇଥିବା ଅଭିଯୋଗକାରୀ ଅଭିଯୋଗ ଆଣିବା ସହ ତୁରନ୍ତ ଏଠାରେ ଭୋଟ ସ୍ଥଗିତ ରଖିବାକୁ ଦାବି କରିଥିଲେ। ଅଭିଯୋଗ ଆଣିଲା ବେଳକୁ ପ୍ରାୟ ୧୨୯ ଜଣ ଭୋଟର ଭୋଟ ଦେଇସାରିଥିବା ଜଣାପଡିଥିଲା। ତେବେ ଯେଉଁ ପ୍ରାର୍ଥୀମାନଙ୍କ ନାମ ଉକ୍ତ ବାଲଟ ପେପରରେ ଫୋଲ୍ଡିଂ ଯୋଗୁ ଭୋଟରଙ୍କୁ ଠିକ୍ ଭାବେ ଦେଖାଯାଇ ନ ଥିବା ଜଣାପଡିଥିଲା ସେହି ପ୍ରାର୍ଥୀମାନେ ଉକ୍ତ ବୁଥ୍‌ରେ ସରକାରୀ ଅଧିକାରୀଙ୍କ ବିରୋଧରେ ହୋ ହଲ୍ଲା କରିଥିଲେ। କେତେକ ସରକାରୀ ଅଧିକାରୀଙ୍କୁ ଧରି ଶାସକ ଦଳର ନେତାମାନେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଲୋଇସିଂହା ବିଡିଓ ତଥା ନିର୍ବାଚନ ଅଧିକାରୀ ଏବଂ ସେକ୍ଟର ଅଫିସର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ ଏହି ବୁଥ୍‌ର ସରପଞ୍ଚ ଭୋଟକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ପରବର୍ତ୍ତୀ ସମୟରେ ଏହି ୱାର୍ଡ ପାଇଁ ସ୍ୱତନ୍ତ୍ର ଭାବେ ପୁଣି ଥରେ ସରପଞ୍ଚ ଭୋଟ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ଏନେଇ ନିର୍ବାଚନ କମିଶନକୁ ଲେଖିବା ପରେ କମିଶନଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି ଘଟଣାକୁ ନେଇ ଏହି ବୁଥ୍‌ରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।














































## ବାଇକ୍ ଶୋରୁମରେ ଲାଗିଲା ନିଆଁ

**ଭବାନୀପାଟଣା,୧୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ସିନେମାହଲ ଛକଠାରେ ଥିବା ଏକ ବାଇକ୍ ଶୋରୁମରେ ଶୁକ୍ରବାର ହଠାତ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଚାରିପଟେ ମାଡି ଯାଇଥିଲା। ନିଆଁରେ ୧୦ରୁ ଊର୍ଦ୍ଧ୍ୱ ନୁଆଁ ବାଇକ୍ ଓ ଅନେକ ସାମଗ୍ରୀ ପୋଡି ଯାଇଥିବା ଜଣାପଡ଼ିଛି। ସେହିପରି ସୋରୁମ ନିକଟରେ ପେଟ୍ରୋଲ ପମ୍ପ ଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ନିଆଁ ଲାଗିଲା ଅଗ୍ନିଶମ ବିଭାଗ ସେ ନେଇ ତଦନ୍ତ କରୁଛି।












**ହିଣ୍ଡାଲ୍କୋ ପକ୍ଷରୁ ଦନ୍ତ ଚିକିତ୍ସା ଶିବିର**

ସମ୍ବଲପୁର, (ବ୍ୟୁରୋ): ହିଣ୍ଡାଲ୍କୋ କମ୍ପାନୀ ପକ୍ଷରୁ ହୀରାକୁଦ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ନିମପାଲି, ଖ୍ରୀଷ୍ଟିଆନପଡା, ଝାଙ୍କରପଡା ଆଦି ଅଞ୍ଚଳରେ ରୋଗୀମାନଙ୍କ ପରୀକ୍ଷା କରି ପରାମର୍ଶ ଦିଆଯାଇଥିଲା। କମ୍ପାନୀ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ, ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢୀ, ଦନ୍ତ ଚିକିତ୍ସକ ଚଞ୍ଚଲ ଗୋଇଙ୍କା ଓ ଟିମ୍ ଚିକିତ୍ସା କରିଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ମାନେଶ୍ୱର ବ୍ଲକରେ ୭୭.୭୮% ମତଦାନ

**ସମ୍ବଲପୁର,୧୮।୨(ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ୭୭.୭୮ ପ୍ରତିଶତ ରହିଛି। ମୋଟ ୪୮,୦୧୧ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ମହିଳା ୧୮,୧୦୭ ଓ ପୁରୁଷ ୧୯,୨୧୨ ମୋଟ ୩୭, ୩୧୯ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ସେହିପରି ଅନ୍ୟାନ୍ୟ ୭ ଜଣ ମତଦାନ କରିଛନ୍ତି। ମାନେଶ୍ୱର ଜୋନ-୧ରେ ୫ ପଞ୍ଚାୟତ ଓ ଜୋନ୍-୨ରେ ୭ ପଞ୍ଚାୟତ ରହିଛି। ୧୨ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ, ୱାର୍ଡ ସଭ୍ୟ ପଦ ପାଇଁ ନିର୍ବାଚନ ହୋଇଛି। ଏବେ ବ୍ଲକ ଷ୍ଟ୍ରଙ୍ଗରୁମରେ ଭୋଟ ବାକ୍ସ ସୁରକ୍ଷିତ ଭାବେ ରଖାଯାଇଛି। ବ୍ଲକର ନୂଆତିହୁରା ପଞ୍ଚାୟତରେ ସର୍ବାଧିକ ୮୪. ୩୦% ଓ ଧମା ପଞ୍ଚାୟତରେ ସର୍ବନିମ୍ନ ୭୧.୧୦% ମତଦାନ ହୋଇଛି।

## ଝାରସୁଗୁଡ଼ା ଜିଲା: ମତଦାନ ୮୫.୧୪%

**ଝାରସୁଗୁଡ଼ା ଅଫିସ,୧୮।୨:** ଝାରସୁଗୁଡା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ୮୫.୧୪ ପ୍ରତିଶତ ରହିଛି। କୋଲାବିରା ବ୍ଲକ୍‌ରେ ୮୭,୬୯% ରହିଥିବାବେଳେ ଲଖନପୁର ବ୍ଲକ୍‌ରେ ୮୨.୫୯% ରହିଛି। ନିର୍ବାଚନ ଶେଷ ହେବାପରେ ଭୋଟ୍‌ବାକ୍ସ ଷ୍ଟ୍ରଙ୍ଗରୁମ୍‌ରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାର ୨୦୪୪ଜଣ ଜିଲାପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଏହିସବୁ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍‌ବାକ୍ସରେ ବନ୍ଦହୋଇ ରହିଛି।

## କେ. ଉମା ମହେଶ୍ୱର ରାଓ ହେଲେ ଏନ୍ଆଇଟି ନିର୍ଦ୍ଦେଶକ


କେ. ଉମା ମହେଶ୍ୱର ରାଓ ଦାୟିତ୍ୱ ନେଉଛନ୍ତି।

**ରାଉରକେଲା ଅଫିସ,୧୮।୨:** ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ନିର୍ଦ୍ଦେଶକ ଭାବେ ପ୍ରଫେସର କେ. ଉମା ମହେଶ୍ୱର ରାଓ ଶୁକ୍ରବାର ଯୋଗ ଦେଇଛନ୍ତି। ତାଙ୍କ ପୂର୍ବରୁ ପ୍ରଫେସର ସୀମାଞ୍ଚଳ ପାଣିଗ୍ରାହୀ ଏହି ଦାୟିତ୍ୱରେ ଥିଲେ। ପ୍ରଫେସର ରାଓ ଏହା ପୂର୍ବରୁ କର୍ଣ୍ଣାଟକ ଏନ୍ଆଇଟିରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

## ଆକ୍ରମଣରେ ବ୍ୟାଙ୍କ କର୍ମଚାରୀ ଗୁରୁତର

**ରେଙ୍ଗାଲି,୧୮।୨(ଡି.ଏନ.ଏ.):** ଠେଲକଲୋଇ ଥାନା ନୂଆଖିଣ୍ଡା ଗ୍ରାମର ବ୍ୟାଙ୍କ କର୍ମଚାରୀ ପରମାନନ୍ଦ ମେହେର (୪୯) ଶୁକ୍ରବାର ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଠେଲକଲୋଇ ୟୁନିୟନ ବ୍ୟାଙ୍କ କର୍ମଚାରୀ ପରମାନନ୍ଦ ରାତି ପ୍ରାୟ ୮ଟାରେ ମୋବାଇଲରେ କଥା ହେଉଥିବା ସମୟରେ ୨ ଜଣ ଯୁବକ ଏକ ସ୍କୁଟିରେ ଆସି ତାଙ୍କ ସହ କଥା ହୋଇଥିଲେ। ପରେ ସେମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆଘାତ କରି ଫେରାର ହୋଇଯାଇଥିଲେ।

# ଏକଘଣ୍ଟା ଅଟକିଲା ମତଦାନ

## ପରିଚାଳନାରେ ତ୍ରୁଟି

**ଝାରସୁଗୁଡ଼ା ଅଫିସ,୧୮।୨**


ତ୍ରୁଟି ସୁଧାରିବା ପରେ ଭୋଟରମାନେ ମତଦାନ ପାଇଁ ଧାଡିରେ ଛିଡା ହୋଇଛନ୍ତି।

ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଶେଷ ହୋଇଛି। ଲଖନପୁର ବ୍ଲକ୍ ଦଲଗାଁ ପଞ୍ଚାୟତର ୯ନଂ ଓ୍ୱାର୍ଡ ଚେରକଟା ଗ୍ରାମର ୬ନଂ ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ମତଦାନ ପ୍ରାୟ ୧ଘଣ୍ଟା ବନ୍ଦ ରହିଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ସାନି ମତଦାନ ହୋଇଥିଲା । ଏହି ବୁଥ୍‌ରେ ସମୁଦାୟ ୩୮୩ ଭୋଟର ରହିଥିବାବେଳେ ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ୧୨ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଏହି ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ୧୦ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବାଲଟ୍ ପେପରରେ ୬ଜଣ ପ୍ରାର୍ଥୀଙ୍କ ଚିହ୍ନ ରହିଥିଲା। ବାକି ୪ଜଣଙ୍କ ଚିହ୍ନ ନ ଥିବାରୁ ଭୋଟର୍ ଦ୍ୱନ୍ଦ୍ୱରେ ପଡିଥିଲେ। ଏ ନେଇ ସେମାନେ ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କୁ ଜଣାଇଥିଲେ। ପୋଲିଂ ଅଧିକାରୀ ସେକ୍ଟର ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତ ପରେ ଜଣାପଡିଥିଲା ଏଠାରେ ୧୦ଜଣ ସରପଞ୍ଚ ପ୍ରାର୍ଥୀ ରହିଥିବାବେଳେ ଏମାନଙ୍କ ନାମ ତାଲିକା ୨ଟି କାଗଜରେ ପ୍ରକାଶ ପାଇଛି। ପ୍ରିଜାଇଡିଂ ଅଧିକାରୀ ଦ୍ୱିତୀୟ କାଗଜକୁ ଦେଖି ନ ପାରି ପ୍ରଥମ କାଗଜ ନାମ ତାଲିକା ଅନୁଯାୟୀ ବାଲଟ୍ ପେପର ପ୍ରସ୍ତୁତ କରିଥିଲେ। ଉକ୍ତ ବାଲଟ୍ ପେପରରେ ୧୦ ସରପଞ୍ଚ ପ୍ରାର୍ଥୀଙ୍କ ଚିହ୍ନ ରହିଥିବାବେଳେ ପ୍ରିଜାଇଡିଂ ଅଧିକାରୀ ୬ଜଣ ପ୍ରାର୍ଥୀ ହିସାବରେ ବାଲଟ୍ ପେପର ଫୋଲ୍ଡିଂ କରି ଅଠାମାରି ଦେଇଥିଲେ । ଫଳରେ ବାଲଟ୍ ପେପର ଫୋଲ୍ଡିଂ ଭିତରେ ୪ଚିହ୍ନ ରହିଯାଇଥିଲା। ଏ ସମ୍ପର୍କରେ ଖବର ପାଇ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ ଓ ଅତିରିକ୍ତ ବିଡିଓ ଗୋପାଳ କ୍ରିଷ୍ଣ ମିଶ୍ର ପ୍ରମୁଖ ପହଞ୍ଚି ତ୍ରୁଟିପୂର୍ଣ୍ଣ ମତଦାନ ବାକ୍ସକୁ ସିଲ୍‌କରି ୧୦ଚିହ୍ନ ଥିବା ବାଲଟ୍ ପେପର ଜରିଆରେ ଆଉ ଏକ ବାକ୍ସରେ ସାନି ମତଦାନ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଯେଉଁ ୧୨ଜଣ ଭୋଟର ମତଦାନ କରିଥିଲେ ସେମାନେ ସାନି ମତଦାନ କରିଥିଲେ। ଏ ନେଇ ଅତିରିକ୍ତ ବିଡିଓ ମିଶ୍ର କହିଛନ୍ତି, ପ୍ରିଜାଇଡିଂ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଏଭଳି ସମସ୍ୟା ଦେଖାଦେଇଥିଲା । ଏହାର ସମାଧାନ କରାଯିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା।

## ଲଙ୍ଗଳ ଧରି ପ୍ରଚାର କଲେ ପ୍ରାର୍ଥୀ


ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି ସରପଞ୍ଚ ପ୍ରାର୍ଥୀ ।

**ରେଙ୍ଗାଲି,୧୮।୨(ଡି.ଏନ.ଏ.)**

ଆସନ୍ତା ୨୦ ତାରିଖରେ ରେଙ୍ଗାଲି ବ୍ଲକରେ ପଞ୍ଚାୟତ ନିର୍ବାଚନ ହେବ। ଶୁକ୍ରବାର ଶେଷ ଦିନରେ ବିଭିନ୍ନ ପଦ ପାଇଁ ଲଢୁଥିବା ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଥିଲେ। ରେଙ୍ଗାଲି ସରପଞ୍ଚ ପ୍ରାର୍ଥୀ ତାରାକାନ୍ତ ପଟ୍ଟନାୟକଙ୍କ ଲଙ୍ଗଳ ଚିହ୍ନ ହୋଇଥିବାରୁ ସେ ନିଜର ସମର୍ଥକଙ୍କ ସହ ଲଙ୍ଗଳ ଧରି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତର ଚାଉଳଡିପୋ, ମାରୱାଡି ପଡା, ମାଉଳି ନଗର, ପୁରୁନବସ୍ତି, ଗଣେଶ ନଗରରେ ଘରେ ଘରେ ବୁଲି ତାଙ୍କ ସପକ୍ଷରେ ଭୋଟ ଦେବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ। ବହୁସଂଖ୍ୟାରେ ମହିଳା ଓ ଯୁବକ ସ୍ୱଇଚ୍ଛାରେ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ।

# ନାକଟିଦେଉଳ ବ୍ଲକରେ ୭୯.୦୬% ମତଦାନ

**ନାକଟିଦେଉଳ,୧୮।୨(ଡ଼ି.ଏନ.ଏ.)**

## ଭୋଟ୍ ବାକ୍ସରେ ୪୨୦ ପ୍ରାର୍ଥୀଙ୍କ ଭାଗ୍ୟ


ଏକ କେନ୍ଦ୍ରରେ ମତଦାତାଙ୍କ ଲମ୍ବା ଧାଡ଼ି।

ନାକଟିଦେଉଳ ବ୍ଲକର ୧୪ ପଞ୍ଚାୟତର ୧୭୫ କେନ୍ଦ୍ରରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମୋଟ ୭୯.୦୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ୨ ଜିଲା ପରିଷଦ ଆସନ ପାଇଁ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଜୋନ୍-୧ରେ କଂଗ୍ରେସ, ଭାଜପା ଓ ବିଜେଡ଼ିର ୩ଜଣ ଏବଂ ଜୋନ୍-୨ରେ ମଧ୍ୟ ୩ଜଣ ପ୍ରାର୍ଥୀ ରହିଛନ୍ତି। ଏଥିସହିତ ୧୪ ପଞ୍ଚାୟତରେ ସମିତିସଭ୍ୟ ପାଇଁ ୫୮ ଓ ସରପଞ୍ଚ ପଦବୀ ଲାଗି ୫୩ ଏବଂ ବିଭିନ୍ନ ୱାର୍ଡ ପାଇଁ ୩୦୩ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିଲେ। ମୋଟ ୪୧,୮୭୯ ଭୋଟର ମତଦାନ କରିଛନ୍ତି। ଏହି ସବୁ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ବନ୍ଦ ରହିଛି। ମୋଟାମୋଟି ଭାବେ ବ୍ଲକରେ ମତଦାନ ଶାନ୍ତିଶୃଙ୍ଖଳା ସହକାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଜଣେ ଅତିରିକ୍ତ ଏସ୍‌ପି,୨ଜଣ ଡ଼ିଏସ୍‌ପି, ୨ଜଣ ଆଇଆଇସି ନିୟୋଜିତ ରହିଥିବା ବେଳେ ୫ଟି ଚାରିଚକିଆ ଓ ୫ଟି ମୋଟର ବାଇକ୍ ସ୍କ୍ୱାଡ୍ ସଜାଗ ରହିଥିଲେ। ମତଦାନ ପରେ ଭୋଟ୍ ବାକକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ବିବେକାନନ୍ଦ ସାହୁ କହିଛନ୍ତି।

## ଲାବନ୍ୟାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

**ରାଉରକେଲା ଅଫିସ,୧୮।୨**

ତାମିଲନାଡୁ ମିଶନାରୀ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧର୍ମାନ୍ତରୀକରଣକୁ ସହି ନ ପାରି ଆତ୍ମହତ୍ୟା କରିଥିବା ଛାତ୍ରୀ ଲାବନ୍ୟାଙ୍କୁ ନ୍ୟାୟ ଦାବିରେ ରାଉରକେଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଶୁକ୍ରବାର ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଭଳି ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାନଗର ସମ୍ପାଦକ ସ୍ୱଦେଶ ପଣ୍ଡା, ସହ ସମ୍ପାଦକ କହ୍ନେୟା ଚୌଧୁରୀ, ଅଙ୍କିତ ଗୁପ୍ତା, ଇନ୍ଦ୍ରଜିତ ରାଉଳ, ବିବେକ ମିଶ୍ର, ସୁବ୍ରତ କୁମାର, ଅର୍ଶ ପାଣ୍ଡେ, ହେମାନନ୍ଦ ଦାସ, ଅଙ୍କିତ ନାୟକ, ମନୀଷ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୋବାଇଲ ଟାୱାର ଦାବିରେ ଅଭିନବ ପ୍ରତିବାଦ


ହାତତିଆରି ଟାୱାର କରି ପ୍ରତିବାଦ କରୁଛନ୍ତି ଲୋକେ।

**କୁଚିଣ୍ଡା,୧୮।୨ (ଡି.ଏନ.ଏ.)**

ବାମରା ବ୍ଲକ ଅନ୍ତର୍ଗତ ବଣପାହାଡ଼ ଘେରା ରବଗା ପଞ୍ଚାୟତର ୪ଗୋଟି ଗାଁରେ ମୋବାଇଲ ଟାୱାର ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଯୁରାପାଲି, କିରିଣ୍ଡା, ଉହମୁଣ୍ଡା ଓ କଦଳୀଝରନ ଗ୍ରାମର ଲୋକେ ବାଉଁଶ ଖୁଣ୍ଟ ପୋତି ଟିଭି ଆଣ୍ଟିନା ଲଗାଇ ଅଭିନବ ପ୍ରତିବାଦ କରିଛନ୍ତି। ଏପରି କି ସମସ୍ୟା ସମାଧାନ ନ ହେଲେ ଏହି ୪ଗୋଟି ଗ୍ରାମର ୫ ୱାର୍ଡ ଭୋଟର ପଞ୍ଚାୟତ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ମୋବାଇଲ ଟାୱାର ପାଇଁ ଜନସାଧାରଣ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ ସୁଫଳ ପାଇନାହାନ୍ତି। ଏପରିସ୍ଥଳେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ନିର୍ବାଚନ ପ୍ରଚାର ପାଇଁ ଆସୁଥିବା ଖବର ପାଇ ଗ୍ରାମବାସୀ ହାତ ତିଆରି ମୋବାଇଲ ଟାୱାର ନିର୍ମାଣ କରି ପ୍ରତିବାଦ କରିଥିଲେ। ହେଲେ ବିଧାୟକ ଆସି ନ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ ଏସବୁ ଗାଁକୁ ପକ୍କା ରାସ୍ତା ରହିଥିଲେ ବି ମୋବାଇଲ ଟାୱାର ଅଭାବରୁ ନେଟ୍‌ୱର୍କ ନାହିଁ। ଫଳରେ ପିଲାମାନେ ଅନ୍‌ଲାଇନ ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ହେଲେ ନେଟ୍‌ୱର୍କ ନ ଥିବାରୁ ଆମ୍ବୁଲାନ୍ସ ସେବା ମଧ୍ୟ ପାଇପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ଏନ୍‌ଟିପିସି ଦର୍ଲିପାଲିର ନବମ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ଼,୧୮।୨ (ଡି.ଏନ୍.ଏ)**



ଏନ୍‌ଟିପିସି ଦର୍ଲିପାଲିର ପ୍ରତିଷ୍ଠା ଦିବସରେ ଅଧିକାରୀ ଉଦ୍‌ବୋଧନ ଦେଉଛନ୍ତି।

ଏନ୍‌ଟିପିସି ଦର୍ଲିପାଲିର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରକଳ୍ପର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ଗୁରୁବାର ସକାଳେ ପ୍ରଭାତଫେରି ଆୟୋଜିତ ହୋଇଥିଲା। ପରେ ଆୟୋଜିତ ସମାରୋହରେ ପ୍ରକଳ୍ପର ଚିଫ୍ ଜେନେରାଲ ଏ.କେ ସାମେୟାର ପ୍ରକଳ୍ପ ପରିସରରେ ପତାକା ଉତ୍ତୋଳନ କରିଥିଲେ। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏହି ପ୍ରକଳ୍ପ ଲକ୍ଷ୍ୟ ଧାର୍ଯ୍ୟ ଆଗରେ ଥିବାରୁ ପ୍ରକଳ୍ପର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇବା ସହ ଏଭଳି ଉତ୍ସାହ ଓ ଉଦ୍ୟମକୁ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭିଳାଷା ଲେଡିଜ କ୍ଲବର ସଭାନେତ୍ରୀ ମନୀଷା ସାମେୟାର, ଜିଏମ୍ ବିଜୟ ଚାନ୍ଦ, ସଞ୍ଜୟ ଶ୍ରୀବାସ୍ତବ, ଟି.କେ ବାଗେଶ୍ୱର, ସୁବାସ ଠାକୁର, ଅର୍ଣ୍ଣବ ମୈତ୍ର, ବିଶାଳ ମାଥୁର ପ୍ରମୁଖ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଅଭିଳାଷା ଲେଡିଜ କ୍ଲବ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏନ୍‌ଟିପିସି ଦର୍ଲିପାଲି ଟାଉନସିପ୍‌ରେ ଏକ ନିରାମୟ ହସ୍ପିଟାଲ ଉଦଘାଟିତ ହୋଇଥିଲା। ଭର୍ଚୁଆଲ ମୋଡରେ ଏନ୍‌ଟିପିସିର ଡାଇରେକ୍ଟର ଏଚ୍ଆର ଡି.କେ ପଟେଲ, ଏ.କେ. ଗୋସ୍ୱାମୀଙ୍କ ଉପସ୍ଥିତିରେ ଏହି ହସ୍ପିଟାଲକୁ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀମାନଙ୍କ ପରିବାରବର୍ଗଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏହି ହସ୍ପିଟାଲ ବେଶ ସହାୟକ ହେବ ବୋଲି କହିଥିଲେ।

## କ୍ରିକେଟ: ଚାଲେଞ୍ଜର, ୱାଇସିସି ବିଜୟୀ

**ରାଉରକେଲା ଅଫିସ,୧୮।୨**

ରାଉରକେଲା ସେକ୍ଟର-୨୦ ସ୍ଥିତ ଖେଳ ପଡିଆରେ ରାଇଜିଂ କ୍ଲବ ପକ୍ଷରୁ ଆୟୋଜିତ ଇଣ୍ଟର ରାଉରକେଲା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍ ରାଉରକେଲା ଷ୍ଟ୍ରାଇକର ଓ ଚାଲେଞ୍ଜର ଦଳ ମଧ୍ୟରେ ଖେଳାଯାଇଥିଲା। ଚାଲେଞ୍ଜର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୭୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟ୍ରାଇକର ଦଳ ମାତ୍ର ୧୨୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଚାଲେଞ୍ଜର ଦଳର ଜିତେନ ରାୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାସନ୍ତୀ ୟୁଥ କ୍ରିକେଟ କ୍ଲବ (ୱାଇସିସି) ଓ ପାନପୋଷ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ୱାଇସିସି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ଦଳ ମାତ୍ର ୧୬୫ ରନ୍ କରି ପରାଜିତ ହୋଇଥିଲା। ୱାଇସିସି ଦଳର ଦୃତି ରଞ୍ଜନ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆନନ୍ଦ ଏକ୍କା, ତୁଷାର ଲେଙ୍ଗା, ବଣ୍ଟି ନାୟକ ଓ ସୁଦୀପ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# କାର୍ ସହ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ: ଶିକ୍ଷକ ସମେତ ୨ ଅଟକ

**ଦେବଗଡ଼,୧୮।୨(ଡି.ଏନ୍.ଏ.)**

ଭୋଟରଙ୍କୁ ବାଣ୍ଟିବା ପାଇଁ ଯାଉଥିବା ୩ଲକ୍ଷ ୩୩ ହଜାର ଟଙ୍କା ଜବତ କରିଛି ଦେବଗଡ଼ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍। ଏଥିସହ ବ୍ୟବହୃତ କାରକୁ ଜବତ କରିବା ସହ ଏ ଘଟଣାରେ ସମ୍ପୃକ୍ତ ଜଣେ ସ୍କୁଲ ଶିକ୍ଷକ ଓ କାର ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଦେବଗଡ଼ ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆଉ ମାତ୍ର ୨ଦିନ ରହିଥିବାବେଳେ ଭୋଟରଙ୍କୁ ବାଣ୍ଟିବା ପାଇଁ ଯାଉଥିବା ଏତେ ପରିମାଣର ଟଙ୍କା ଜବତ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଭୋଟରଙ୍କ ପାଇଁ ନୁହେଁ, ପୁଲିଂ ଏଜେଣ୍ଟମାନଙ୍କୁ ଦେବା ପାଇଁ ଏହି ଟଙ୍କା ପଠାଯାଉଥିଲା ବୋଲି ଅଟକ ଶିକ୍ଷକ କହିଛନ୍ତି। ଭୁକାବେଡା ଗ୍ରାମର ଜଣେ ବ୍ୟକ୍ତି ତିଲେଇବଣି ବ୍ଲକ ସଡୋ ଗ୍ରାମ ପଞ୍ଚାୟତର ଏକ ସ୍କୁଲର ଶିକ୍ଷକତା କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଏକ କାର ନଂ.ଓଡି ୦୨ ବିଏଲ-୬୬୨୮ ଯୋଗେ ବିପୁଳ ପରିମାଣର ଟଙ୍କା ଧରି ଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଉକ୍ତ ଟଙ୍କା ଜବତ କରିବା ସହ ସମ୍ପୃକ୍ତ ଶିକ୍ଷକ ଓ କାର ଚାଳକ ପ୍ରଶାନ୍ତ ସାହୁଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ ଘଟଣାର ଅଧିକ ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଭୋଟ ଦେବାକୁ ଖଟିଆରେ ବୁହାହୋଇ ଆସିଲେ

**କୁତ୍ରା,୧୮।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୁତ୍ରା ଗ୍ରାମ ପଞ୍ଚାୟତର ଡାହିଜିରା ଗ୍ରାମରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଡାହିଜିରା ଗିର୍ଜାପଡ଼ାରେ ଜଣେ ଭୋଟର ଖଟରେ ବୁହାହୋଇ ଭୋଟ ଦେବାକୁ ଆସିଥିଲେ। ଏହି ଦୃଶ୍ୟ ଦେଖିଲେ ଜଣାପଡୁଥିଲା କୌଣସି ରୋଗୀଙ୍କୁ ଚିକିତ୍ସା ପାଇଁ ଖଟରେ ବୁହାହୋଇ ନିଆଯାଉଛି। ଖଟରେ ବୁହାହୋଇ ଆସିଥିବା ଏହି ଭୋଟର ଜଣକ ହେଲେ କୀର୍ତ୍ତଦାସ ଗୁଡିଆ (୮୫ବର୍ଷ)। ଏହି ଭୋଟର ବାର୍ଦ୍ଧକ୍ୟ ଯୋଗୁ ବିଛଣାରେ ପଡ଼ିରହିଥିଲେ। ନିର୍ବାଚନରେ ନିଜର ମୂଲ୍ୟବାନ ଭୋଟକୁ ସାବ୍ୟସ୍ତ କରିବା ପାଇଁ ତାଙ୍କର ଦୃଢ଼ ଇଛାଶକ୍ତିକୁ ଦେଖି ପରିବାର ଲୋକ ତଥା ଗ୍ରାମର ସଚେତନ ନାଗରିକ ତାଙ୍କୁ ଭୋଟ ଦେବା ପାଇଁ ଆଣିଥିଲେ।


ଭୋଟରଙ୍କୁ ଖଟରେ ବୁହାହୋଇ ନିଆଯାଉଛି।

# ରାଜ୍ୟ, କେନ୍ଦ୍ର ସରକାର ଜନସ୍ୱାର୍ଥ ବିରୋଧୀ: କିଶୋର ପଟେଲ

**ସୁନ୍ଦରଗଡ଼, ୧୮।୨(ଡି.ଏନ୍.ଏ)**



ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାର ଜନସ୍ୱାର୍ଥ ବିରୋଧୀ। ସ୍ୱଚ୍ଛ ଶାସନ ନାମରେ ଉଭୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ବାଚସ୍ପତି ତଥା ପିସିସି କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ପଟେଲ ପ୍ରକାଶ କରିଛନ୍ତି। ହେମଗିର ବ୍ଲକର ୨ଟି ଜିଲା ପରିଷଦ ଜୋନ୍‌ର ବାଲିଟୁଆ, ଡୁଡୁକା, ଗର୍ଜନବାହାଲ, ହେମଗିର, ସାନଘୁମୁଡା, କେନ୍ଦୁଡିହି, ଟପରିଆ, କୁଚେଡେଗା, ବାଦୀବାହାଲ, ସାଦରପଡା ଆଦି ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ପଟେଲ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। କଂଗ୍ରେସ ପ୍ରତି ଲୋକଙ୍କ ଜନସମର୍ଥନ ଓ ଆଶୀର୍ବାଦ ରହିଥିବା କହିଛନ୍ତି। ଏହି ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ଭଲ କରିବା ସହ ଜିଲା ପରିଷଦ ଗଠନ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ଦଳ ସବୁବେଳେ ସୁନ୍ଦରଗଡ ଜିଲାର ବିକାଶକୁ ଗୁରୁତ୍ୱ ଦେଇଆସିଛି। ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ଦେଇଥିବା ଗୋଟିଏ ସୁଦ୍ଧା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଶାସକ ଦଳ ଲୋକେ ବିକାଶ କଥା ନ କହି ଭୋଟରଙ୍କୁ ପ୍ରଲୋଭିତ କରି ଭୋଟ ହାତେଇବା ପାଇଁ ଉଦ୍ୟମ କରୁଛନ୍ତି। ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭୟଭୀତ କରାଯାଉଛି। ଲୋକେ ଭଲଭାବେ ବୁଝିଛନ୍ତି ଏମାନେ ହେଉଛନ୍ତି ଜନସ୍ୱାର୍ଥ ବିରୋଧୀ ସରକାର। ଏହି ନିର୍ବାଚନରେ ନିଶ୍ଚିତ ଭାବରେ ଲୋକେ ଏହାର ଉଚିତ ଜବାବ ଦେବେ ଓ କଂଗ୍ରେସ ଭଲପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ଜୁଏଲ ଓରାମଙ୍କ ଭଳି ଭାଜପା ନେତାମାନେ ସରକାରୀ ଅଫିସରଙ୍କୁ ମାଡ ମାରିବା ମାମଲାରେ ଛନ୍ଦି ହୋଇ ନ୍ୟାୟାଳୟରୁ ଜାମିନରେ ଆସିବା ଭଳି ଅଧିକ ଲଜ୍ଜାର ବିଷୟ ଆଉ କଣ ହୋଇପାରେ ବୋଲି ସେ କହିଥିଲେ। ସୁନ୍ଦରଗଡ ଜିଲାରେ ସ୍ୱାସ୍ଥ୍ୟସେବା ନୈରାଶ୍ୟଜନକ ଥିବାବେଳେ ଏଠାରେ ଏମସ୍‌ର ଦ୍ୱିତୀୟ ଶାଖା ପ୍ରତିଷ୍ଠା ଦିଗରେ ଉଭୟ ବିଜେଡି ଓ ଭାଜପାର ଆନ୍ତରିକତା ନାହିଁ। କୋଇଡାଠାରୁ ହେମଗିର ପର୍ଯ୍ୟନ୍ତ ବିସ୍ଥାପିତମାନଙ୍କୁ କୌଣସି ସୁବିଧା କରାଯାଉନାହିଁ। ପ୍ରଶାସନ ବଡବଡ କମ୍ପାନୀବାଲାଙ୍କ ହାତବାରିସୀ ସାଜିଛି। ୨୦୨୨ ଚଳିତ ନିର୍ବାଚନରେ କଂଗ୍ରେସ ଭଲପ୍ରଦର୍ଶନ କରି ସୁନ୍ଦରଗଡରେ ଆଗାମୀଜିଲା ପରିଷଦ ଗଠନ କଂଗ୍ରେସ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏଣୁ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରକୁ ଉଚିତ ଭାବରେ ବ୍ୟବହାର କରି କଂଗ୍ରେସ ପ୍ରାର୍ଥମାନଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଜନସାଧାରଣଙ୍କୁ ପଟେଲ ନିବେଦନ କରିଥିଲେ। ଏହି ନିର୍ବାଚନୀ ସଭାଗୁଡିକରେ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଉପସଭାପତି କାଶୀନାଥ ରାଉତ, ହେମଗିର ବ୍ଲକ ସଭାପତି ପୁରୁଷୋତ୍ତମ ପଧାନ, ବରିଷ୍ଠ କଂଗ୍ରେସ ନେତା ରବିରତ୍ନ ପଟେଲ, ଜିଲା ସମ୍ପାଦକ ରାମଚନ୍ଦ୍ର କୁମ୍ଭାର, ଉଭୟ ଜୋନ୍‌ର ଜିଲାପରିଷଦ ପ୍ରାର୍ଥିନୀ ଭୁଲକି ସେଠ୍ ଓ ଟୁମକି କୁଆଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ମୁଖୀଗୁଡା ବ୍ରାହ୍ମଣ ସମାଜ ଶ୍ମଶାନ ନିକଟରେ ଶୁକ୍ରବାର ଏକ ଗଳିତ ମୃତଦେହ ଜବତ କରାଯାଇଛି। ତାଙ୍କ ନାମ ତ୍ରିଲୋଚନ ଧଙ୍ଗଡାମାଝି (୫୦) ଓ ସେ ମୁଖୀଗୁଡାର ବୋଲି ଜଣାପଡିଛି। ଗତ ୪ ଦିନ ତଳେ ମୁଖୀଗୁଡା ପୁରୁଣା ମାର୍କେଟରେ ତ୍ରିଲୋଚନ ନିଖୋଜ ଥିଲେ। ଏ ନେଇ ମୁଖୀଗୁଡା ଫାଣ୍ଡିରେ ପରିବାରବର୍ଗରୁ ସୂଚନା ଦିଆଯାଇଥିଲା। ଶୁକ୍ରବାର ଅପରାହ୍ନରେ ମୁଖୀଗୁଡା ବ୍ରାହ୍ମଣ ସମାଜ ଶ୍ମଶାନ ନିକଟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ସନ୍ଧ୍ୟାରେ ମୃତଦେହ ଜବତ କରାଯାଇଛି।



ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ଏକ ମତଦାନ କେନ୍ଦ୍ରରେ ଶୁକ୍ରବାର ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଶାନ୍ତିଶୃଙ୍ଖଳାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ

**ବାଉଁଶୁଣୀ,୧୮।୨(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଥିବା ବେଳେ ଶୁକ୍ରବାର ବୌଦ୍ଧ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିଯାଇଛି। ସକାଳ ୭ଟା ରୁ ଆରମ୍ଭ ହୋଇ ଦିନ ୧ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହୋଇଥିଲା। ମତଦାନ ଆରମ୍ଭରୁ ଭୋଟରମାନଙ୍କ ଲମ୍ବା ଲାଇନ ମତଦାନ କେନ୍ଦ୍ରରେ ଦେଖିବାକୁ ମିଳିଥିଲା। ସମସ୍ତ ବୁଥରେ ଶାନ୍ତିଶୃଙ୍ଖଳା ସହ ମତଦାନ ସରିଛି। ଜିଲା ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ବୌଦ୍ଧ ବ୍ଲକର ୩ଟି ଜିଲା ପରିଷଦ ସଭ୍ୟ, ୨୨ଟି ସରପଞ୍ଚ, ୨୩ଟି ସମିତିସଭ୍ୟ ଓ ୩୨୫ଟି ୱାର୍ଡ଼ ସଭ୍ୟ ପଦବୀ ପାଇଁ ୧୦୮୦୦୦ ଜଣ ମତଦାତା ରହିଛନ୍ତି। ମତଦାନ ପାଇଁ ୩୨୫ ଟି ମତଦାନ କେନ୍ଦ୍ର ଖୋଲା ଯାଇଥିଲା । ସବୁ ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ମତଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବୌଦ୍ଧ ବ୍ଲକରେ ୱାର୍ଡ଼ସଭ୍ୟ ଭାବେ ୪୬୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସରପଞ୍ଚ ପାଇଁ ୯୨ଜଣ, ସମିତିସଭ୍ୟ ଭାବେ ୭୧ ଓ ଜିଲା ପରିଷଦ ସଦସ୍ୟ ପାଇଁ ୧୨ ପ୍ରାର୍ଥୀ ସମସ୍ତ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜଣାପଡିଛି ।

# ଭୋଟ ବେଳେ ଉତ୍ତେଜନା, ପହଞ୍ଚିଲେ ଜିଲାପାଳ

**ବାଉଁଶୁଣୀ,୧୮।୨(ଡି.ଏନ.ଏ.):** ବୌଦ୍ଧ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ଚାଲିଥିବାବେଳେ ରକ୍ସା ପଞ୍ଚାୟତ ଚଉଁରିଆ ପଦର ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ୱାଡ଼ ନଂ.୧ର ଚଉଁରିଆପଦର ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ମତଦାନ ଚାଲିଥିଲା। ମହିଳାମାନଙ୍କ ଭୋଟଦାନ ବେଳେ ଜଣେ ଏଜେଣ୍ଟ ମତଦାନ ସ୍ଥାନ ପାଖକୁ ଯାଇ କିଏ କେଉଁଠି ଭୋଟ ଦେଉଛନ୍ତି ସେ ସମ୍ପର୍କରେ ଦେଖୁଥିବା ଜଣେ ମହିଳା ଭୋଟର ଅଭିଯୋଗ କରିଥିଲେ। ତାକୁ ନେଇ ପ୍ରତିପକ୍ଷ ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଓ ଭୋଟର ବୁଥ ଭିତରେ ପାଟିତୁଣ୍ଡ କରିଥିଲେ। ଏ ଘଟଣାକୁ ନେଇ ବୁଥ ବାହାରେ ଉତ୍ତେଜନା ହୋଇଥିଲା। ଘଟଣା ଖବରପାଇ ଚଉଁରିଆ ପଦର ବୁଥରେ ମୋବାଇଲ ସ୍କ୍ୱାଡ୍ ପୋଲିସ ପହଞ୍ଚି ବୁଥ ପରିସରକୁ ଭିଡ଼ ହଟାଇବା ପାଇଁ କିଛି ଲୋକଙ୍କୁ ଠେଲାପେଲା କରିଥିଲେ। ଲୋକେ ଦଉଡ଼ି ଦଉଡ଼ି ଗାଁ ଆଡକୁ ଚାଲିଯାଇଥିବାବେଳେ ପୋଲିସ ପଛରେ ଗୋଡ଼େଇ ଘରେ ଥିବା ଲୋକଙ୍କୁ ମଧ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପରେ ବୁଥ ନିକଟରେ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସ୍ଥାନୀୟ ଲୋକେ ପହଞ୍ଚି ପୋଲିସ ମାଡର ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ବୌଦ୍ଧ ଉପଖଣ୍ଡ ଅଧିକାରୀ ଆନନ୍ଦ ବର୍ଦ୍ଧନ ଗୁରୁଙ୍କୁ ଲୋକେ ବହୁ ସମୟ ଘେରି ରଖିଥିଲେ। କିଛି ସମୟ ପରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଉପଖଣ୍ଡ ଅଧିକାରୀଙ୍କୁ ଲୋକଙ୍କ କବଳରୁ ଆଣିଥିଲେ। କିଛି ସମୟ ପରେ ପୁନର୍ବାର ମତଦାନ ଆରମ୍ଭ ହୋଇଥିଲା।

# ଠାକୁରପାଲିରେ ସରପଞ୍ଚ ଭୋଟ ସ୍ଥଗିତ

**ବଲାଙ୍ଗୀର ଅଫିସ/ଲୋଇସିଂହା (ଡି.ଏନ.ଏ.),୧୮।୨**

ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ବେଳେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଲି ୧୧ ନମ୍ବର ୱାର୍ଡର ଭୋଟ ଗ୍ରହଣ କେନ୍ଦ୍ରରେ ବାଲଟ ପେପର ଫୋଲ୍ଡିଂକୁ ନେଇ ପକ୍ଷପାତିତା ଅଭିଯୋଗ ସରପଞ୍ଚ ପ୍ରାର୍ଥୀମାନେ ଆଣିଛନ୍ତି। ଫଳରେ ଏଠାରେ ସରପଞ୍ଚ ଭୋଟକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ସରଗାଡ ଗ୍ରାମପଞ୍ଚାୟତର ସରପଞ୍ଚ ପଦ ପାଇଁ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସରପଞ୍ଚ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବାଲଟ୍ ପେପରରେ ୬ ଜଣ ପ୍ରାର୍ଥୀଙ୍କ ପାଇଁ ନାମ ଓ ଚିହ୍ନ ରହିଥିଲେ ମଧ ଏହି ଭୋଟ ଗ୍ରହଣ କେନ୍ଦ୍ରରେ କେବଳ ତିନି ଜଣ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଓ ଚିହ୍ନ ପରେ ତଳେ ଥିବା ପ୍ରାର୍ଥୀଙ୍କ ନାମ ଓ ଚିହ୍ନକୁ ଫୋଲ୍ଡିଂ କରାଯାଇଥିବାରୁ ତାହା ଭୋଟରମାନେ ଦେଖି ପାରି ନ ଥିବା ଅଭିଯୋଗ ହୋଇଥିଲା। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ଧରି ଏଭଳି କାଣ୍ଡ କରାଯାଇଥିବା ଅଭିଯୋଗକାରୀ ଅଭିଯୋଗ ଆଣିବା ସହ ତୁରନ୍ତ ଏଠାରେ ଭୋଟ ସ୍ଥଗିତ ରଖିବାକୁ ଦାବି କରିଥିଲେ। ଅଭିଯୋଗ ଆଣିଲା ବେଳକୁ ପ୍ରାୟ ୧୨୯ ଜଣ ଭୋଟର ଭୋଟ ଦେଇସାରିଥିବା ଜଣାପଡିଥିଲା। ତେବେ ଯେଉଁ ପ୍ରାର୍ଥୀମାନଙ୍କ ନାମ ଉକ୍ତ ବାଲଟ ପେପରରେ ଫୋଲ୍ଡିଂ ଯୋଗୁ ଭୋଟରଙ୍କୁ ଠିକ୍ ଭାବେ ଦେଖାଯାଇ ନ ଥିବା ଜଣାପଡିଥିଲା ସେହି ପ୍ରାର୍ଥୀମାନେ ଉକ୍ତ ବୁଥ୍‌ରେ ସରକାରୀ ଅଧିକାରୀଙ୍କ ବିରୋଧରେ ହୋ ହଲ୍ଲା କରିଥିଲେ। କେତେକ ସରକାରୀ ଅଧିକାରୀଙ୍କୁ ଧରି ଶାସକ ଦଳର ନେତାମାନେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଲୋଇସିଂହା ବିଡିଓ ତଥା ନିର୍ବାଚନ ଅଧିକାରୀ ଏବଂ ସେକ୍ଟର ଅଫିସର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଫଳରେ ଏହି ବୁଥ୍‌ର ସରପଞ୍ଚ ଭୋଟକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ପରବର୍ତ୍ତୀ ସମୟରେ ଏହି ୱାର୍ଡ ପାଇଁ ସ୍ୱତନ୍ତ୍ର ଭାବେ ପୁଣି ଥରେ ସରପଞ୍ଚ ଭୋଟ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ଏନେଇ ନିର୍ବାଚନ କମିଶନକୁ ଲେଖିବା ପରେ କମିଶନଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି ଘଟଣାକୁ ନେଇ ଏହି ବୁଥ୍‌ରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ବାଇକ୍ ଶୋରୁମରେ ଲାଗିଲା ନିଆଁ

**ଭବାନୀପାଟଣା,୧୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ସିନେମାହଲ ଛକଠାରେ ଥିବା ଏକ ବାଇକ୍ ଶୋରୁମରେ ଶୁକ୍ରବାର ହଠାତ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଚାରିପଟେ ମାଡି ଯାଇଥିଲା। ନିଆଁରେ ୧୦ରୁ ଊର୍ଦ୍ଧ୍ୱ ନୂଆଁ ବାଇକ୍ ଓ ଅନେକ ସାମଗ୍ରୀ ପୋଡି ଯାଇଥିବା ଜଣାପଡ଼ିଛି। ସେହିପରି ସୋରୁମ ନିକଟରେ ପେଟ୍ରୋଲ ପମ୍ପ ଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ନିଆଁ ଲାଗିଲା ଅଗ୍ନିଶମ ବିଭାଗ ସେ ନେଇ ତଦନ୍ତ କରୁଛି।


















































**ପରାସରା ଗ୍ରାମ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ**

ଟିଟିଲାଗଡ଼,(ଡି.ଏନ.ଏ.): ଶୁକ୍ରବାର ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ପରାସରା ଗ୍ରାମ ପଞ୍ଚାୟତର ୧୦ ଜଣରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତି ରେ ଦଳରେ ସାମିଲ ହୋଇଛନ୍ତି। ସାମିଲ ହୋଇଥିବା ନୂତନ ସଦସ୍ୟ ହେଲେ ହୃଦାନନ୍ଦ ଟାକ୍ରି, ମୁକେଶ ଟାକରି, ଦେବ ଟାକରି, ବିଦେଶୀ ଚିନାଗୁନ, ଭୋଲେ ଛୁରା, ରାହୁଲ ହରପାଲ, ସନ୍ତ ଗହୀର, ସୀତାରାମ ଟାକରି, ଶକ୍ତି ପରାଭୁଏ, ବିଜୁ ଚିନାଗୁନ, ଧରମ ଛତି ଓ ଅଜୟ ପରାଭୁଏ। ବରିଷ୍ଠ ବିଜେଡି ନେତା ପ୍ରମୋଦ ପଧାନ, ତାପସ ପୁଟେଲ, ବ୍ଲକ ସଭାପତି ହେମନ୍ତ ଭୋଇ, ଅନିଲ ସ୍ୱାଇଁ, ନିରଞ୍ଜନପୁଟେଲ, ରମେଶ ବୈଠାରୁ, ବିଭୁ ନାଗ ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନର୍ଲା ବ୍ଲକ: ୫୬୫ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍

ରୁପ୍ରାରୋଡ଼,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୨ୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ସକାଳ ୭ଟାଠାରୁ ଅପରାହ୍ନ ୧ଟା ଯାଏଁ ଭୋଟଦାନ ପ୍ରକ୍ରିୟା ଚାଲିଥିଲା। ଶାନ୍ତିଶୃଙ୍ଖଳା ସହ ବୁଥଗୁଡିକରେ ଲମ୍ବା ଲାଇନରେ ଭୋଟରମାନେ ଆସି ମତଦାନ ସାବ୍ୟସ୍ତ କରିଛନ୍ତି। ନର୍ଲା ବ୍ଲକରେ ୩୨୩ଟି ବୁଥରେ ଭୋଟ ଗ୍ରହଣ ଶେଷ ହୋଇଥିବା ବେଳେ ୩୭୯ଜଣ ୱାର୍ଡ ସଭ୍ୟ, ୯୦ଜଣ ସରପଞ୍ଚ ପ୍ରାର୍ଥୀ, ୮୬ଜଣ ସମିତି ସଦସ୍ୟ ସହ ନର୍ଲା ୩ଟି ଜିଲା ପରିଷଦ ଜୋନରୁ ୧୦ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ମୋଟ ୫୬୫ଜଣ ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ ହୋଇଛି। ସେହିପରି ରୁପ୍ରାରୋଡ଼ ୮ଟି ପଞ୍ଚାୟତରେ ୪୫୯୩ ଭୋଟ ପୋଲିଂ ହୋଇଥିବା ବେଳେ ରୁପ୍ରାରୋଡ଼ ୬୮୯, ବରଗାଁ ୯୦୮, ବୋରିଙ୍ଗପଦର ୨୫୫, ବିଲାଟ ୫୨୩, ଲାଖଗୁଡା ୪୪୨, ଛତାମହୁଲ ୨୦୪, ବଲସପୁର ୧୧୬୧, ଦେଣ୍ଡୋବାହାଲି ୨୧୧ ଭୋଟ ପୋଲିଂ ହୋଇଥିବା ଜଣାପଡ଼ିଛି। ନର୍ଲା ନିର୍ବାଚନ ଅଧିକାରୀ ମାନସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଭୋଟଦାନ ଶେଷ ହୋଇଛି।

### ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ବନ୍ଦ

**୮୨.୭୮% ମତଦାନ**

ମ.ରାମପୁର,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକରେ ଶୁକ୍ରବାର ଶାନ୍ତିଶୃଙ୍ଖଳା ସହିତ ଭୋଟଦାନ ଶେଷ ହୋଇଯାଇଛି। ବ୍ଲକର ୨ଟି ଜିଲା ପରିଷଦ, ୧୯ ସରପଞ୍ଚ, ୧୮ ସମିତି ସଭ୍ୟ, ୨୩୮ ୱାର୍ଡସଭ୍ୟ ପାଇଁ ଶୁକ୍ରବାର ଭୋଟରମାନେ ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ବ୍ଲକରେ ୫୮,୬୬୮ ଭୋଟରଙ୍କ ମଧ୍ୟରୁ ୪୮,୫୬୭ ଜଣ ମତଦାନ କରିଛନ୍ତି। ଯାହାକି ସମୁଦାୟ ଭୋଟରଙ୍କ ମଧ୍ୟରୁ ୮୨.୭୮% ଅଟେ। ମ.ରାମପୁର ପଞ୍ଚାୟତରେ ୧୯ଟି ୱାର୍ଡରେ ୭,୯୬୦ଜଣ ଥିବାବେଳେ ୫,୩୫୪ଜଣ ଭୋଟ ଦେଇଛନ୍ତି। ଯାହାକି ୬୭.୨୭ ପ୍ରତିଶତ ଅଟେ। ମ.ରାମପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ୪ ନମ୍ବର ବୁଥରେ ୱାର୍ଡ ନମ୍ବର ୧୭ ର ଭୋଟରମାନେ ସନ୍ଧ୍ୟା ୫ଟା୩୦ ପର୍ଯ୍ୟନ୍ତ ଭୋଟଦାନ କରିଥିଲେ। ଏହି ବୁଥରେ ୪୫୨ଜଣ ଭୋଟର ଭୋଟ ଦେଇଥିଲେ। ସକାଳ ୭ଟାରୁ ଲମ୍ବା ଲାଇନ୍ ଲାଗିଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟଦାନ ଅବ୍ୟାହତ ରହିଥିଲା। ୱାର୍ଡ ବିଭକ୍ତିକରଣଜନିତ ଭୋଟର ତାଲିକା ସଂଶୋଧନରେ ଘୋର ଅବ୍ୟବସ୍ଥା ସାମନାକୁ ଆସିଛି। ଗୋଟିଏ ଗୋଟିଏ ପରିବାରର ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡରେ ଇତଃସ୍ତତଃ ଭାବେ ନାମ ପଞ୍ଜୀକୃତ ହୋଇଥିବାରୁ ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ମତଦାନରୁ ନିବୃତ୍ତ ରହିଲେ ଦୋହେଲପଡ଼ାବାସୀ

ନୂଆପଡ଼ା ଅଫିସ,୧୮।୨


ଭୋଟ ବର୍ଜନ କରିଥିବା ଦୋହେଲପଡ଼ାବାସୀ।

ନୂଆପଡା ଜିଲା କୋମନା ବ୍ଲକର ୩୨ଟି ପଞ୍ଚାୟତରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ହେଲେ ବ୍ଲକର କୁରେଶ୍ୱର ପଞ୍ଚାୟତରେ ବୁଥ ସ୍ଥାନାନ୍ତର ନେଇ ଦୋହେଲପଡାବାସୀ ଭୋଟ ବର୍ଜନ କରିଛନ୍ତି। ପ୍ରାପ୍ତ ସୂଚନାନୁସାରେ କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଦୋହେଲପଡା, ମହୁଲପଡା ଓ ଚହକପଡାକୁ ନେଇ ଗୋଟିଏ ୱାର୍ଡ ରହିଛି। ଦୋହେଲପଡାଠାରୁ ଚହକମପଡା ୩ କି.ମି. ଦୂରରେ ରହିଛି। ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ଚାଲି ଚାଲି ଭୋଟ ଦେଇ ଯିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ଯେଉଁମାନେ ଭୋଟଗ୍ରହଣ କେନ୍ଦ୍ରକୁ ଆସିବା ପାଇଁ ଅକ୍ଷମ ସେମାନଙ୍କ ପାଇଁ ଗାଡି ବ୍ୟବସ୍ଥା କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ଗୋଟିଏ ବୁଥରେ ମଧ ଗାଡିର ବ୍ୟାବସ୍ଥା କରାଯାଇ ନାହିଁ। ଦୋହେଲପଡା ଗାଁରେ ୧୯୬୯ରୁ ପ୍ରାଥମିକ ବିଦ୍ୟାଳୟରେ ୧୫ ନମ୍ବର ୱାର୍ଡରେ ଭୋଟଗ୍ରହଣ କେନ୍ଦ୍ର ହୋଇଆସୁଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁସାରେ କମ ଛାତ୍ରୀଛତ୍ର ଥିବା ବିଦ୍ୟାଳୟ ବନ୍ଦ ହୋଇଥିବାରୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚହକପଡା ପ୍ରାଥମିକ ବିଦ୍ୟାଳୟରେ ବୁଥ କରାଯାଇଛି। ଏହି ବୁଥରେ ଦୋହେଲପଡା, ମହୁଲପଡା ଓ ଚହକପଡାକୁ ମିଶାଇ ମୋଟ ୩୫୫ଜଣ ଭୋଟର ଅଛନ୍ତି। ମତଦାନ ସମୟରେ ବୁଥ ସ୍ଥାନାନ୍ତରକୁ ନେଇ ବିରୋଧ କରି ଦୋହେଲପଡାବାସୀ ଭୋଟ ବର୍ଜନ କରିଛନ୍ତି। ସେମାନଙ୍କ ଦାବି ମୁତାବକ ବୁଥ ନାହିଁ ତ ଭୋଟନାହିଁ। କିନ୍ତୁ ୧୫ ନମ୍ବର ୱାର୍ଡ ଚହକପଡା ବୁଥରେ ଭୋଟ ଗ୍ରହଣ କରାଯାଇଛି।

**ବୁଥ୍ ନାହିଁ ତ ଭୋଟ ନାହିଁ**

ଏ ନେଇ ଗୁରୁବାର କୋମନା ବିଡିଓ ସୁଶାନ୍ତ ରଣା ଓ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଫୋନ ଯୋଗେ ଗ୍ରାମବାସୀ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆମ ସ୍କୁଲରେ ୩୦ ପିଲା ଥାଇ ମଧ୍ୟ ବନ୍ଦ ହୋଇଗଲା ଅନ୍ୟ ସ୍କୁଲରେ ୧୫ ପିଲା ଥାଇ ରହିଛି। ଆମ ଗାଁରେ ସ୍କୁଲ ଖୋଲାଯାଉ ଓ ଗାଁରେ ବୁଥ ହେଲେ ଭୋଟ ଦେବୁ ବୋଲି ଚନ୍ଦ୍ରଭାନୁ ରାଉତ, ଶିବ ଶଙ୍ଖକର ଭୋଇ, ଭଜନ ଭୋଇ, ଶୈଳେଶ କୁମାର ଅଦା, ସୋମନାଥ ଭୋଇ, ପ୍ରମେଶ୍ୱର ଭୋଇ, ଗୋବିନ୍ଦ ଅହିର, ସୋହନଲାଲ ଅହିର, ତାତୁରାମ ଅହିର, ବେଣୁଧର ଅହିର, ରାମବାବୁ ଭୋଇ, ପ୍ରତିମା ଅହିର, ଉଲାସ ଭୋଇ, ଛବିଲା ଭୋଇ ପ୍ରମୁଖ ଦାବି କରିଛନ୍ତି।

## ଭୋଟର ତାଲିକାରେ ନାଁ ନ ଥିବାରୁ ଉତ୍ତେଜନା

ଲୋଇସିଂହା,୧୮।୨(ଡି.ଏନ.ଏ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗାଁର ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିଛି। ତାଲିକାରେ ନାମ ନ ଥିବାରୁ ସେହି ବ୍ୟକ୍ତିମାନେ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବୁଥ ଭିତରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଆମ ଅଧିକାର ଆମକୁ ଦିଆଯାଉ ଦାବି କରି କେତେକ ଲୋକ ହୋ ହଲ୍ଲା କରିଥିଲେ। ଖବର ପାଇ ଡିଏସପି ରମାକାନ୍ତ ଜେନା, ଆଇଆଇସି ସଂଗ୍ରାମ ପଟ୍ଟନାୟକ ଓ ପୋଲିସ ମୋବାଇଲ ଟିମ୍ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବାଦିବାହାଲ ପଞ୍ଚାୟତର ୧୧ ନଂ ୱାର୍ଡ ହେଉଛି ଭାଲୁପାଲି ଗାଁ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ୨୦୨୨ ଭୋଟର ତାଲିକାରେ ୫୩୫ ଭୋଟର ଅଛନ୍ତି। ତେବେ ପୋଲିଂ ପାର୍ଟି ପକ୍ଷରୁ ବୁଥରେ ରଖାଯାଇଥିବା ଭୋଟର ତାଲିକାରେ ୪୩୭ ଭୋଟରଙ୍କ ନାମ ରହିଛି। ବାକି ଲୋକଙ୍କ ନାମ ତାଲିକାରେ ନ ଥିବାରୁ ସମ୍ପୃକ୍ତ ବ୍ୟକ୍ତି ବୁଥକୁ ଯାଇ ଭୋଟ ଦେବାରୁ ବଞ୍ଚିତ ରହିଥିଲେ। ଅପରପକ୍ଷରେ ବୁଥ ଭୋଟର ତାଲିକାରେ ଜୀବିତ ବ୍ୟକ୍ତିଙ୍କ ନାମ ନ ଥିବା ବେଳେ ଦୀର୍ଘବର୍ଷ ତଳୁ ମୃତ୍ୟୁବରଣ କରିଥିବା ଭାଗିରଥୀ ସେଠ, ଶଙ୍କର ସା ଏବଂ ଉକିଆ ଭୂଏଙ୍କ ପରି ଅନେକଙ୍କ ନାମ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରପକ୍ଷେ ହୋ ହଲ୍ଲା ଯୋଗୁ ପ୍ରାୟ ୭୦ରୁ ଅଧିକ ଭୋଟର ବୁଥ ବାହାରେ ରହିଯାଇଥିବାରୁ ଭୋଟ ଦେଇ ପାରି ନ ଥିବା ଜଣାଯାଇଛି। ଏପରି ଭାବେ ବ୍ଲକର ଅଧିକାଂଶ ଗାଁରେ ଭୋଟର ତାଲିକାରୁ ବହୁ ବ୍ୟକ୍ତିଙ୍କ ନାମ ବାଦ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## କର୍ଲାମୁଣ୍ଡା ବ୍ଲକରେ ୮୫ .୭୧ % ମତଦାନ

କର୍ଲାମୁଣ୍ଡା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ୨ୟ ପର୍ଯ୍ୟାୟ ଭୋଟ ଗହଣ ଅନୁଷ୍ଠିତ ହୋଇଯାଇଛି। ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୮୫.୭୧ ଶତକଡ଼ା ମତଦାନ ହୋଇଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ବ୍ଲକରେ ମୋଟ ୧୪୩ ବୁଥରେ ଭୋଟ ଗ୍ରହଣ ବ୍ୟବସ୍ଥା କରାଯାଇଥିଲା। ତେବେ ଅଧିକାଂଶ ବୁଥରେ ସମୟ ସୀମା ଭିତରେ ଭୋଟଦାନ ଶେଷ ହୋଇଥିବା ବେଳେ ଜୋର୍ଡାବର ଓ ବରୋପଦର ପଞ୍ଚାୟତ କିଛି ବୁଥରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ ଚାଲିଥିବା ଜଣାପଡିଛି। ବ୍ଲକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମୋଟ ୪୨୬୫୯ରୁ ପୁରୁଷ ଭୋଟ ୧୮୬୦୮ ଓ ମହିଳା ୧୭୯୫୫ଜଣ ମୋଟ ୩୬୫୬୩ଜଣ ମତଦାନ ସାବ୍ୟସ୍ତ କରିଛନ୍ତି।

## ସିନ୍ଧିଗୁ, ସିରେଲପଦର ଗ୍ରାମବାସୀଙ୍କ ଭୋଟ ବର୍ଜନ

ଭବାନୀପାଟଣା,୧୮।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନମଣ୍ଡଳୀରେ ୨ୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଶେଷ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ନର୍ଲା ବ୍ଲକ ସମେତ ମ. ରାମପୁର ଓ କର୍ଲାମୁଣ୍ଡା ବ୍ଲକ ରହିଛି। ମ .ରାମପୁର ବ୍ଲକ ଅନ୍ତର୍ଗତ ଦେଢଶୂଳୀ ପଞ୍ଚାୟତ ସିନ୍ଧିଗୁ ଓ ସିରେଲପଦର ଗ୍ରାମବାସୀ ଗତଥର ଭଳି ଏଥର ମଧ୍ୟ ଭୋଟ ବର୍ଜନ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ମାଣିକେରା ପଞ୍ଚାୟତରୁ ଅଲଗା ହେଇ ନୂତନ ପଞ୍ଚାୟତ ଦେଢଶୂଳୀରେ ମିଶିଛି ଏହି ୨ଟି ରାଜସ୍ୱ ଗ୍ରାମ। ସିନ୍ଧିଗୁ ୧୯ ପରିବାରରେ ୪୬ ଭୋଟର ଥିବାବେଳେ ସିରେଲପଦରରେ ରହିଛନ୍ତି ୭ ପରିବାରର ୨୨ ଭୋଟର। ଏହି ୨ ଗାଁର ଲୋକଙ୍କୁ ପଞ୍ଚାୟତ ମୁଖ୍ୟାଳୟକୁ ଦୂରତା ୨୫ କି.ମି. (ମୋହନଗିରି ଦେଇ) ଓ ମାଣିକେରା ଦେଇ ଗଲେ ୧୮ କି.ମି. ପଡ଼େ। ଉଭୟ ପଟେ ରାସ୍ତା ପାହାଡ଼



ଭୋଟ ବର୍ଜନ କରିଥିବା ଗ୍ରାମବାସୀ।

**ମାଣିକେରା ପଞ୍ଚାୟତରେ ସାମିଲ ଦାବି**

ହେଇଥିବାବେଳେ ଜଙ୍ଗଲ ସହିତ ନାଳ ବି ରହିଛି। ପୂର୍ବରୁ ଥିବା ମାଣିକେରା ପଞ୍ଚାୟତ ଏହି ୨ ଗାଁରୁ ମାତ୍ର ୨ କି.ମି. ଦୂରତା। ଗତ ପଞ୍ଚାୟତ ନିର୍ବାଚନରେ ମଧ ଏହି ୨ ଗ୍ରାମବାସୀ ଭୋଟବର୍ଜନ ନିଷ୍ପତ୍ତି ସହିତ ମାଣିକେରାରେ ମିଶାଇବାକୁ ଦାବି କରିଥିଲେ। ଏଥର ମଧ ସେହି ସମାନ ଦାବି ରଖିଛନ୍ତି ଗ୍ରାମବାସୀ। ଏ ନେଇ ଗତ କିଛିମାସ ତଳେ ୨ ଗ୍ରାମବାସୀ ଦାବିପତ୍ର ମ.ରାମପୁର ତହସିଲଦାର, ବିଡିଓ, କଳାହାଣ୍ଡି ଜିଲାପାଳ ଓ ନିର୍ବାଚନ କମିଶନଙ୍କୁ ଜଣାଇଥିଲେ। ଏଥିସହିତ ଯେତେ ଦିନ ଯାଏଁ ଏହି ୨ ଗ୍ରାମବାସୀଙ୍କୁ ମାଣିକେରା ପଞ୍ଚାୟତରେ ସାମିଲ କରା ନ ଯାଇଛି ସେତେଦିନ ଯାଏଁ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଲୋଇସିଂହା ବ୍ଲକ: ୭୭ ପ୍ରତିଶତ ମତଦାନ

ଲୋଇସିଂହା,୧୮।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୦ଟି ପଞ୍ଚାୟତର ସରପଞ୍ଚ,ସମିତି ଓ ୨୩୯ ୱାର୍ଡସଭ୍ୟ ତଥା ୨ଟି ଜିଲା ପରିଷଦ ପଦବୀ ପାଇଁ ୨୩୯ ବୁଥରେ ମତଦାନ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୦ ପଞ୍ଚାୟତର ୧୦୮ ଖଣ୍ଡ ଗ୍ରାମର ୭୫ ହଜାର୨୩୬ ଭୋଟର ମଧ୍ୟରୁ ୭୭ ପ୍ରତିଶତ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ମୋଟ ୫୭୦ ପ୍ରାର୍ଥୀଙ୍କ ଭାଗ୍ୟ ବାଲାଟ ବକ୍ସରେ ସିଲ୍ ହୋଇ ରହିଛି।



ଲୋଇସିଂହା କଲେଜ ପରିସରରେ ୩୩ ନଂ ଜୋନର ଭୋଟ ଗଣତି ଆସନ୍ତା ୨୬ ତାରିଖ ଏବଂ ୩୪ ନଂ ଜୋନର ଭୋଟ ଗଣତି ୨୭ ତାରିଖରେ ରହିଥିବା ବିଡିଓ ରାମଚନ୍ଦ୍ର ଖାଡିଆ ଏବଂ ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ ।

## ବିଜେଡିରେ ସାମିଲ ହେଲେ ଦୁଇ ଭାଜପା ସମିତି ସଭ୍ୟ ପ୍ରାର୍ଥୀ

ଟିଟିଲାଗଡ଼,୧୮।୨(ଡି.ଏନ.ଏ.)

ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକର ଦୁଇ ଜଣ ଭାଜପା ସମିତି ସଭ୍ୟ ପ୍ରାର୍ଥୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି । ଜିଲା ବିଜେଡି ସଭାପତି ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଉପସ୍ଥିତିରେ ଡେଂଗ ଓ କେରମେଲୀ ପଞ୍ଚାୟତରୁ ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କନ୍ଦର୍ପ ବର୍ଗତି, କୀର୍ତ୍ତିରାଜ ମଲ୍ଲିକ ବିଜେଡିରେ ସାମିଲ ହୋଇଛନ୍ତି । ସେମାନେ ପ୍ରାର୍ଥୀତ୍ୱରୁ ଓହରି ଯାଇ ବିଜେଡି ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି।

## ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଏମ୍‌ପି

ଦେଓଗାଁ ,୧୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ବଲାଙ୍ଗୀର ଏମ୍‌ପି ପ୍ରଚାର କରିଛନ୍ତି। ନିର୍ବାଚନ ହେବାକୁ ତିନି ଦିନ ଥିବା ବେଳେ ଦେଓଗାଁ ବ୍ଲକ ଅଞ୍ଚଳରେ ସମସ୍ତ ଦଳର ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ତୁଙ୍ଗ ନେତାମାନେ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ଶୁକ୍ରବାର ଭାଜପାର ଜିଲା ପରିଷଦ ପ୍ରାର୍ଥିନୀ ତୁଲେନ୍ଦ୍ରି କୁଅଁରଙ୍କ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବନ୍ଧପଡା, ସିକୁଆଁ, ବ୍ରାହ୍ମଣୀଯୋର, ହାତୀସରା, ନାଇକେନଶିରା ଗାଁକୁ ଯାଇ ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ ଏମ୍‌ପିଙ୍କ


ଏମ୍‌ପି ସଙ୍ଗୀତା ସିଂଦେଓଙ୍କ ପ୍ରଚାର ।

ପ୍ରତିନିଧି ଅମିତ ସିଂନିନା, ଭାଜପା ଜିଲା ମହିଳା ସଭାନେତ୍ରୀ ପଙ୍କଜିନୀ ପଣ୍ଡା, ମଣ୍ଡଳ ସଭାପତି ବାସୁଦେବ ସିଂନିନା, ଶଶୀ ପାଣିଗ୍ରାହୀ, ସୁରେଶ ଭୋଇ, ଅଶୋକ ସାଏ, ଦେବପ୍ରତାପ ଷାଣ୍ଡ, ପିଙ୍କୁ ଷାଣ୍ଡ, ହୃଷୀକେଶ ପୋଢ, ମମତା ସାହୁ, ଲୋକନାଥ ଭୋଇ, ଯୁଗେଶ୍ୱର ସାହୁ, ରଙ୍କ ବେହେରା, ତରଣୀସେନ ବକୁଲ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ ଥିଲେ।

## ରୀତା, ଟିକିଙ୍କ ପାଇଁ ଟୁକୁନିଙ୍କ ଜୋରଦାର ପ୍ରଚାର

ଟିଟିଲାଗଡ଼,୧୮।୨(ଡି.ଏନ.ଏ)

ଟିଟିଲାଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜୋନ ୩୧ରେ ବିଜେଡି ପ୍ରାର୍ଥିନୀଙ୍କ ସପକ୍ଷରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଏବଂ ମନ୍ତ୍ରୀ ଟୁକୁନି ସାହୁ ଶୁକ୍ରବାର ପ୍ରଚାର କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କ ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏ ସମ୍ପର୍କରେ ଭୋଟରଙ୍କୁ ଅବଗତ କରିବା ସହ ଜୋନ ୩୧ ବିଜେଡି ପ୍ରାର୍ଥିନୀ ରୀତା ଏବଂ ସମିତି ସଭ୍ୟ ପ୍ରାର୍ଥିନୀ ବାନ୍ଧବି ନାଗଙ୍କୁ ଭୋଟ ଦେଇ ଜିତାଇବାକୁ ଉଭୟେ ନିବେଦନ କରିଥିଲେ। ପୂର୍ବତନ ସରପଞ୍ଚ ଯୁବରାଜ ମାଝୀ, କୁଶଧ୍ୱଜ ଚନ୍ଦନ, ଦିଲୀପ ରାଜପାଲିଆ, ଗୌର ରାଜପାଲିଆ, ରାଜକିଶୋର ଡାଙ୍ଗ, ରାଜେଶ ବେହେରା, ଦିନେଶ ପ୍ରଧାନ, ତ୍ରିନାଥ ମାଝୀ, ଛବି ରଣା, ବାହାଦୁର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୋନ ୮ର ବିଜେପୁରରେ ମନ୍ତ୍ରୀ ସଭା କରି ଦଳୀୟ ପ୍ରାର୍ଥିନୀ ଟିକି ପୋଢଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଦଳର ବ୍ଲକ ସଭାପତି ପଦ୍ମଲୋଚନ ପୋଢ, ବରିଷ୍ଠ ନେତା ପ୍ରମୋଦ ପ୍ରଧାନ, ଶ୍ୟାମାପ୍ରସାଦ ଗରିଆ, ପରମାନନ୍ଦ ଛତର, କାର୍ତ୍ତିକ ଛତର, ସନ୍ତୋଷ ବେହେରା, ରୁଦ୍ର ରଣା, ବୁଲୁ ପଣ୍ଡା, ଗଜିନ ବର୍ଗତି, ଭିକ ରଣା, ବଟ ମିଶ୍ର, ରମାକାନ୍ତ ପଣ୍ଡା, ଧରମସିଂ ବର୍ଗତି, ହେମରାଜ ପୋଢ, ପ୍ରତାପ ବାରିକ, ସାଧୁ ନାଗ, ଭବାନୀ ସାହୁପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚ, ସମିତି ସଭ୍ୟଙ୍କ ପ୍ରଚାରରେ ନିର୍ବାଚନୀ ମାହୋଲ ସରଗରମ

ଦେଓଗାଁ ,୧୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟା ସଭ୍ୟଙ୍କ ପ୍ରଚାରରେ ଗ୍ରାମାଞ୍ଚଳର ମାହୋଲ ସରଗରମ ହୋଇ ପଡିଛି। ଏହି ବ୍ଲକର ଗୁଡଖାପଲା ପଞ୍ଚାୟତରେ ସରପଞ୍ଚ ଜୀବନୀ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଦେଓଗାଁ ପଞ୍ଚାୟତ ସମିତି ସଭ୍ୟା ମିନା ରାଣୀ ସା, ମୁକୁନ୍ଦପୁର ସମିତି ସଭ୍ୟ ଅଭିରାମ ମାଝୀ ଓ ରାମଚନ୍ଦ୍ରପୁର ସମିତି ସଭ୍ୟ ଶମ୍ଭୁ ଭୁଏ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଣୁ ଉକ୍ତ ପଦବୀ ପାଇଁ ପ୍ରଚାର ବନ୍ଦ ରହିଥିବା ବେଳେ ବାକି ପଞ୍ଚାୟତଗୁଡିକରେ ପ୍ରଚାର ଜୋରଦାର ହେଉଛି। ଚଳିତ ମାସ ୨୨ ତାରିଖରେ ପଞ୍ଚାୟତ ନିର୍ବାଚନ ରହିଥିବା ବେଳେ ଦିନକ ପରେ ପ୍ରାର୍ଥୀଙ୍କ ପ୍ରଚାରରେ କଟକଣା ଲାଗିବ। ଏଣୁ ଶୁକ୍ରବାର ପ୍ରତ୍ୟେକ ପଞ୍ଚାୟତରେ ପ୍ରାର୍ଥୀ ମାନଙ୍କ ଶୋଭାଯାତ୍ରା ଓ ସଭାର ଆୟୋଜନ ନଜରକୁ ଆସିଛି। ଦେଓଗାଁର ସରପଞ୍ଚ ପ୍ରାର୍ଥିନୀ ଗୀତାଞ୍ଜଳୀ ସେଠଙ୍କ ସମର୍ଥନରେ ଦେଓଗାଁର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରା କରି ପ୍ରଚାର କରିଥିଲେ। ଯାହାକୁ ନେଇ ଦେଓଗାଁ ପଞ୍ଚାୟତରେ ଏବେ ରାଜନୀତି ଜୋର ଧରିଛି। ସେହିପରି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଆଶାୟୀ ଦୌଡରେ ଥିବା ପ୍ରାର୍ଥୀଙ୍କ ପଞ୍ଚାୟତ ବିଶେଷ କରି ସାଲେପାଲି, ବ୍ରାହ୍ମଣିଯୋର, ବନ୍ଧପଡା, ବଡବନ୍ଧ, ସାରସମାଲ, ଡୁମେରପିଟା ଆଦି ପଞ୍ଚାୟତରେ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର ଚାଲିଛି । ଉକ୍ତ ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦକୁ ନେଇ କେବଳ ବିଜେଡି ଓ କଂଗ୍ରେସ ମଧ୍ୟରେ ଟଣାଓଟରା ଲାଗି ରହିଥିବା ଦେଖିବାକୁ ମିଳିଛି। କେଉଁ ଦଳର କେତେ ସମର୍ଥକ ବିଜୟୀ ହୋଇ ଗଡ ରକ୍ଷା କରିବେ ତାହା ଆଗାମୀ ସମୟ ହିଁ କହିବ।


ଦେଓଗାଁରେ ସରପଞ୍ଚ ପ୍ରାର୍ଥିନୀ ଗୀତାଞ୍ଜଳି ସେଠଙ୍କ ପାଇଁ ଶୋଭାଯାତ୍ରା ।

## ଦାଣ୍ଡପାଣି, ଅମରାମୁଣ୍ଡା ଗ୍ରାମବାସୀଙ୍କ ଭୋଟ ବର୍ଜନ

ଲୋଇସିଂହା,୧୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଦାଣ୍ଡପାଣି ଏବଂ ଆଗଲପୁର ବ୍ଲକର ଅମରାମୁଣ୍ଡା ଗ୍ରାମବାସୀ ଶୁକ୍ରବାର ଭୋଟ ବର୍ଜନ କରିଥିବା ଜଣାଯାଇଛି। ଗାଁ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଦୂର ହେବା ଓ ଗାଁରୁ ସ୍କୁଲ ଉଚ୍ଛେଦ ପ୍ରତିବାଦରେ ଉପରୋକ୍ତ ଦୁଇ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ରେ ପଞ୍ଚାୟତ ପୁନଃ ଗଠନ ବେଳେ ଲୋଇସିଂହା ବ୍ଲକରେ ବାନିପାଲି ଓ ମାଗୁରବେଡା ୨ଟି ପଞ୍ଚାୟତ ବୃଦ୍ଧି ପାଇଥିଲା। ପୂର୍ବରୁ ରତାଖଣ୍ଡି ପଞ୍ଚାୟତରେ ଥିବା ଦାଣ୍ଡପାଣି ଗାଁ ବାନିପାଲି ନୂତନ ପଞ୍ଚାୟତରେ ମିଶିଥିଲା। ଦାଣ୍ଡପାଣି ଗାଁରୁ ବାନିପାଲି ପଞ୍ଚାୟତ କାର୍ଯ୍ୟାଳୟ ୧୧ କିମି ଦୂର। ପୂର୍ବରୁ ଥିବା ରତାଖଣ୍ଡି ପଞ୍ଚାୟତ ଗାଁ ଠାରୁ ମାତ୍ର ୨ କି.ମି.। ପଞ୍ଚାୟତ କାର୍ଯ୍ୟାଳୟ ଦୂରତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏପରି କି ହିତାଧିକାରୀ ରାଶନ ସାମଗ୍ରୀ, ଭତ୍ତା ଗ୍ରହଣ କରୁନାହାନ୍ତି। ପୂର୍ବ ରତାଖଣ୍ଡି ପଞ୍ଚାୟତରେ ମିଶିବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଏ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଥିଲେ। ଫଳରେ ଶୁକ୍ରବାର ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଗ୍ରାମବାସୀ ବର୍ଜନ କରିଛନ୍ତି। ପ୍ରଶାସନ ତରଫରୁ ଗାଁ ସ୍କୁଲରେ ୧୧ ନଂ ବୁଥ ସ୍ଥାପନ କରାଯାଇଥିଲା । ସକାଳ ୭ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଗ୍ରାମର ୨୬୭ ଭୋଟର ମଧ୍ୟରୁ କେହି ବି ମତଦାନ କରିବାକୁ ଆସି ନ ଥିବା ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ ।

ସେହିପରି ୨ ବର୍ଷ ତଳେ ଆଗଲପୁର ବ୍ଲକ ନୁନିଆଁପାଲି ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇ ନିକଟସ୍ଥ ଲକ୍ଷ୍ମଣପାଲି ସ୍କୁଲରେ ମିଶ୍ରଣ କରି ଦିଆଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ହାଇକୋର୍ଟରେ ଦ୍ୱାରସ୍ଥ ହେବା ସହ ଗ୍ରାମର ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଛାଡୁନାହାନ୍ତି। ଗତ ଜାନୁୟାରୀ ମାସରେ ସ୍କୁଲ ନାହିଁ ତ ଭୋଟ ନାହିଁ ବୋଲି ଜିଲା ପ୍ରଶାସନକୁ ଚେତାବନୀ ଦେଇଥିଲେ ଗ୍ରାମବାସୀ। କିଛିଦିନ ତଳେ ଉପ ଜିଲାପାଳ ଲମ୍ବୋଦର ଧରୁଆ ଆଗଲପୁର ବ୍ଲକ କାର୍ଯ୍ୟାଳୟକୁ ଗ୍ରାମବାସୀଙ୍କୁ ଡାକି ଆଲୋଚନା କରିଥିଲେ। ଏହି ସମୟରେ ଗ୍ରାମବାସୀ ଗାଁରେ ପୁନଃ ସ୍କୁଲ ଖୋଲିବାକୁ ଦାବି କରିଥିଲେ । କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗ୍ରାମବାସୀ ସ୍କୁଲ ନାହିଁ ତ ଭୋଟ ନାହିଁ କହିଥିଲେ। ଗୁରୁବାର ଉପଜିଲାପଳ, ତହସିଲଦାର ସୁଚିତା ପୁଷ୍ପା, ବିଡିଓ ଶଙ୍କର କେରକେଟା ଓ ପୋଲିସ ଆସି ଗାଁ ସ୍କୁଲ ତାଲା ଫିଟାଇ ବୁଥ କେନ୍ଦ୍ର କରିଥିଲେ। କିନ୍ତୁ ସ୍କୁଲ ଖୋଲିବା ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅମରାମୁଣ୍ଡା ଗ୍ରାମର ୪ ଶହ ଭୋଟରର ଭୋଟ ବର୍ଜନ କରିଥିଲେ। ନିର୍ଦ୍ଧାରିତ ସମୟରେ କେହି ଭୋଟର ମତଦାନ କରିବାକୁ ନ ଆସିବାରୁ ଖାଲି ବାଲାଟ ବାକ୍ସ ଧରି ଫେରିଥିବା ପ୍ରିଜାଇଡିଂ ଅଫିସର ଉଦେ ରଣା କହିଛନ୍ତି।


ବୁଥ୍ ବାହାରେ ଭୋଟ ବର୍ଜନ କରିଥିବା ଅମରାମୁଣ୍ଡା ଗ୍ରାମବାସୀଙ୍କ ପ୍ରତିବାଦ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୯ ଫେବୃୟାରୀ, ୨୦୨୨



**ପରାସରା ଗ୍ରାମ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ**

ଟିଟିଲାଗଡ଼,(ଡି.ଏନ.ଏ.): ଶୁକ୍ରବାର ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ପରାସରା ଗ୍ରାମ ପଞ୍ଚାୟତର ୧୦ ଜଣରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଛନ୍ତି । ଜିଲା ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତି ରେ ଦଳରେ ସାମିଲ ହୋଇଛନ୍ତି । ସାମିଲ ହୋଇଥିବା ନୂତନ ସଦସ୍ୟ ହେଲେ ହୃଦାନନ୍ଦ ଟାକ୍ରି, ମୁକେଶ ଟାକରି, ଦେବ ଟାକରି, ବିଦେଶୀ ତିନାଗୁନ, ଭୋଲେ ଛୁରା, ରାହୁଲ ହରପାଲ, ସନ୍ତ ଗହୀର, ସୀତାରାମ ଟାକରି, ଶକ୍ତି ପରାଭୁଏ, ବିଜୁ ତିନାଗୁନ, ଧରମ ଛତି ଓ ଅଜୟ ପରାଭୁଏ । ବରିଷ୍ଠ ବିଜେଡି ନେତା ପ୍ରମୋଦ ପଧାନ, ତାପସ ପୁଟେଲ, ବ୍ଲକ ସଭାପତି ହେମନ୍ତ ଭୋଇ, ଅନିଲ ସ୍ୱାଇଁ, ନିରଞ୍ଜନପୁଟେଲ, ରମେଶ ବୈଠାରୁ, ବିଭୁ ନାଗ ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୭ଦିନ ହେଲା ଶିକ୍ଷକ ନିଖୋଜ, ଟେର୍‌ପାଉନି ପୋଲିସ

**ଘଣ୍ଟାପଡା,୧୮।୨(ଡି.ଏନ୍‌.ଏ.):** କନ୍ଧମାଳ ଥାନା ଘଣ୍ଟାପଡା ଫାଣ୍ଡି ଅଧିନ ଉଡେର ଗ୍ରାମର ବାସୁଦେବ ଭୋଇ(୨୫) ଦୀର୍ଘ ସାତଦିନ ହେଲା ନିଖୋଜ ଅଛନ୍ତି। ଚିନ୍ତାରେ ଭାଙ୍ଗି ପଡିଛନ୍ତି ତାଙ୍କ ମା' ସହ ପରିବାର ଲୋକ। ବାସୁଦେବ ନିଜ ଗ୍ରାମର ଉ.ପ୍ରା. ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୨ତାରିଖ ଶନିବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଥିବା ତାଙ୍କ ମାଆ କମଳା ଭୋଇ କନ୍ଧମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଗତ ୧୨ତାରିଖ ସନ୍ଧ୍ୟାରେ ବାସୁଦେବ ଭୋଇ ତାଙ୍କ ପିଉସୀଙ୍କ ପୁଅ ତୁଷୁରା ଥାନା ସନ୍ଧିସରା ଗ୍ରାମର ବିଜେ ଭୋଇ ଓରଫ ବୃହସ୍ପତିଙ୍କ ସହ ମିଶି ଏକ ମୋଟର ସାଇକେଲରେ କୁଆଡେ ବୁଲିବାକୁ ଯାଇଥିଲେ। ସେଠାରୁ ବାସୁଦେବ ତୁଷୁରା ଥାନା ଅନ୍ତର୍ଗତ କର୍ଲାଖମନ ଗ୍ରାମକୁ କୌଣସି ଏକ ଜରୁରୀ କାମ କହି ଏକୁଟିଆ ଯାଇଥିଲେ। ବାସୁଦେବର ଫେରିବା ବାଟକୁ ଚାହିଁ ବସିଥିଲେ ବିଜେ। ହେଲେ ବହୁ ସମୟ ଅପେକ୍ଷା କରି ମଧ ବାସୁଦେବ ଆସି ନ ଥିଲେ। ତା ପରଦିନ ଅର୍ଥାତ ୧୩ତାରିଖ ସକାଳୁ ବିଜେ ଭୋଇ ଉଡେର ଗ୍ରାମକୁ ଆସି ବାସୁଦେବର ମାଆ କମଳା ଭୋଇଙ୍କୁ ସମସ୍ତ କଥା କହିଥିଲେ। ଏହାପରେ ପରିବାର ଓ ଗ୍ରାମବାସୀ ମିଶି କର୍ଲାଖମନ ଗ୍ରାମକୁ ଯାଇ ବିଭିନ୍ନ ସ୍ଥାନରେ ଖୋଜିଥିଲେ ହେଁ ବାସୁଦେବଙ୍କ ସନ୍ଧାନ ପାଇ ନ ଥିଲେ। ଶେଷରେ କନ୍ଧମାଳ ଥାନାକୁ ଆସି ବାସୁଦେବର ମାଆ କମଳା ଭୋଇ ଲିଖିତ ଅଭିଯୋଗ କରିଛନ୍ତି। କନ୍ଧମାଳ ଓ ଗୁଡଭେଲା ପୋଲିସ ପକ୍ଷରୁ ଦତନ୍ତ ଆରମ୍ଭ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁରାକ ପାଇନାହାନ୍ତି। ବାସୁଦେବଙ୍କ ବାପା କୈବଲ ଭୋଇ ବହୁଦିନ ପୂର୍ବେ ଆରପାରିକୁ ଚାଲି ଯାଇଛନ୍ତି ଏପଟେ ଏକମାତ୍ର ପୁଅ ନିଖୋଜ ହୋଇଥିବାରୁ ମାଆ କମଳା ଦୁଃଖରେ ଭାଙ୍ଗି ପଡିଛନ୍ତି । ନିଖୋଜ ବାସୁଦେବଙ୍କ ରଙ୍ଗ ଗୋରା। ଉଚ୍ଚତା ୫.୪ ଫୁଟ। ସେ ଭାରି ସରଳ ଏବଂ ଓଡିଆ, ଇଂରାଜୀ ଓ ହିନ୍ଦିରେ ଭାଷା ଜାଣିଛନ୍ତି । କେହିଯଦି ତାଙ୍କର ସନ୍ଧାନ ପାଆନ୍ତି ତେବେ ସ୍ଥାନୀୟ ଥାନାକୁ ଖବର ଦେବାକୁ ଅନୁରୋଧ କରିଛନ୍ତି ।

### ବରଗଡ଼ରେ ୭୬.୨ ପ୍ରତିଶତ ମତଦାନ

**ବରଗଡ଼ ଅଫିସ୍‌,୧୮।୨:** ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଅତାବିରା, ଗାଇସିଲେଟ ଏବଂ ରାଜବୋଡ଼ାସମ୍ବର ବ୍ଲକରେ ହୋଇଥିଲା। ଉକ୍ତ ବ୍ଲକଗୁଡିକର ସମୁଦାୟ ୨ଲକ୍ଷ ୭୫ହଜାର ୩୮୩ ଭୋଟରଙ୍କ ମଧ୍ୟରୁ ୨ଲକ୍ଷ ୯ହଜାର ୮୫୫ଭୋଟର ମତଦାନ କରିଥିଲେ। ଜିଲାର ଗାଇସିଲେଟ ବ୍ଲକରେ ସର୍ବାଧିକ ୭୨.୪୯ ପ୍ରତିଶତ ଭୋଟର ମତଦାନ କରିଥିଲେ। ଏଠାରେ ୭୨ହଜାର ୩୭୬ ଭୋଟରଙ୍କ ମଧ୍ୟରୁ ୫୮ହଜାର ୨୫୯ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। ସେହିପରି ରାଜବୋଡ଼ାସମ୍ବର ବ୍ଲକରେ ୭୭.୧୪ ପ୍ରତିଶତ ମତଦାନ ହୋଇଛି। ଏଠାରେ ୯୫ହଜାର ୧୩୭ଭୋଟରଙ୍କ ମଧ୍ୟରୁ ୭୩ହଜାର ୩୯୦ଭୋଟର ମତଦାନ କରିଥିଲେ। ଅତାବିରା ବ୍ଲକରେ ସର୍ବନିମ୍ନ ୭୨.୪୯ପ୍ରତିଶତ ମତଦାନ ହୋଇଥିଲା। ଏଠାରେ ୧ଲକ୍ଷ ୭ହଜାର ୮୮୦ଭୋଟରଙ୍କ ମଧ୍ୟରୁ ୭୮ହଜାର ୨୦୬ଭୋଟର ମତଦାନ କରିଥିଲେ।

# ବିଜେଡି-କଂଗ୍ରେସ ମଧ୍ୟରେ ଟକ୍କର

**ସୋନପୁର,୧୮।୨(ନି.ପ୍ର.)**

**ବୀରମହାରାଜପୁର ବ୍ଲକ ୧ ନଂ ଜିଲା ପରିଷଦ ଜୋନ**


ରଞ୍ଜିତ ରଥ(ବିଜେଡି)


ରାଧାକାନ୍ତ ପଣ୍ଡା(ଭାଜପା)


ଲବ କୁମାର ସାହୁ(କଂଗ୍ରେସ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ୧ ନମ୍ବର ଜିଲା ପରିଷଦ ଜୋନରେ ଚଳିତ ପଞ୍ଚାୟତ ନିର୍ବାଚନରେ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ବିଜେଡିରୁ ରଞ୍ଜିତ ରଥ, ଭାଜପାରୁ ରାଧାକାନ୍ତ ପଣ୍ଡା, କଂଗ୍ରେସରୁ ଲବ କୁମାର ସାହୁ ଓ ଆପ୍‌ରୁ ସୁରେଶ କଲତା ଲଢେଇରେ ସାମିଲ ହୋଇଛନ୍ତି। ୨ ଯୁବ ସଂଗଠକ ବିଜେଡିର ରଞ୍ଜିତ ଓ କଂଗ୍ରେସର ଲବଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବାର ସମ୍ଭାବନା ଅଧିକ ଥିବା ବେଳେ ଭାଜପାର ରାଧାକାନ୍ତ ନିର୍ଣ୍ଣାୟକ ଭୂମିକା ନେବେ ବୋଲି କୁହାଯାଉଛି। ଲଢେଇ ଓ ଏହାର ଫଳାଫଳ ଜାଣିବାକୁ କେବଳ ବୀରମହାରାଜପୁର କାହିଁକି ସୁବର୍ଣ୍ଣପୁର ଜିଲାବାସୀଙ୍କ ନଜର ରହିଛି।

ଏହି ଜୋନରେ ଉଫୁଲା, ଚମ୍ପାମାଳ, ମୁର୍ଷୁଣ୍ଡି, ହିଲୁଙ୍ଗ, ବାଗବର ଓ ଜଟେସିଂଘା ଆଦି ୬ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍‌ ସଂଖ୍ୟା ୧୧୫। ଭୋଟର ସଂଖ୍ୟା ୩୪୯୫୩। ଆସନ୍ତା ୨୨ ତାରିଖ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବ। ଏହି ଜୋନ ଏକ ଅଣ ଜଳସେଚିତ ଅଞ୍ଚଳ। ହରିହରଯୋର ଡ୍ୟାମରୁ ଖରିଫରେ ଉଫୁଲା, ହିଲୁଙ୍ଗ ଓ ଚମ୍ପାମାଳ ପଞ୍ଚାୟତର ଚାଷ ଜମି ଜଳସେଚିତ ହୋଇପାରୁଛି। ଏବେ ମହାନଦୀ କୂଳ ବାଗବର ଠାରେ ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଆସନ୍ତା ବର୍ଷ ଠାରୁ ଅଞ୍ଚଳର ଚାଷ ଜମି ଗୁଡିକ ଜଳସେଚିତ ହେବା ନେଇ ଲକ୍ଷ୍ୟ ରହିଛି। ତେବେ ନଦୀ, ନାଳ ପରିବେଷ୍ଟିତ ଏହି ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ଲୋକଙ୍କ ଅସନ୍ତୋଷ ଲାଗି ରହିଛି। ଜୋନର ପୂର୍ବ ଇତିହାସକୁ ଦେଖିଲେ ୧୯୯୭ରେ ଜନତା ଦଳର ସ୍ୱୟମ୍ଭୁନାଥ ଖଣ୍ଡଗିରି, ୨୦୦୨ରେ ଭାଜପାର ନଳିନୀ ପଣ୍ଡା, ୨୦୦୭ରେ ଭାଜପାର ଦୟାନିଧି ମେହେର, ୨୦୧୨ରେ କଂଗ୍ରେସର ରାଜଗୋପାଳ ପାଣିଗ୍ରାହୀ ଏବଂ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଭାଜପାର ଉଷା କୁମାରୀ ଜିଲା ପରିଷଦ ସଭ୍ୟ ଭାବେ କ୍ଷମତାରେ ଥିଲେ। ଗତ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ଉଷା ବିଜେଡିର ଶାନ୍ତି ଲୁହାଙ୍କୁ ୧୨୬୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଉଷା କୁମାରୀ ଜିଲା ପରିଷଦ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ।

ଚଳିତ ଥର ଏହି ଆସନ ଅସଂରକ୍ଷିତ ରହିଛି। ବିଜେଡି ଗଠନ ହେବା ଦିନ ଠାରୁ ବୀରମହାରାଜପୁର ଉପଖଣ୍ଡ ମୁଖ୍ୟାଳୟ ଅଧୀନ ଏହି ଗୁରୁତ୍ୱପୂର୍ଣ୍ଣ ଜୋନରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇ ନାହାନ୍ତି । ଥରେ ଜନତା ଦଳ, ୩ ଥର ଭାଜପା ଓ ଥରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେଣୁ ବିଜେଡି ପ୍ରାର୍ଥୀ ବିଜୟୀ ହେବା ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ପାଇଁ ସମ୍ମାନର ପ୍ରଶ୍ନ। ପ୍ରାର୍ଥୀ ରଞ୍ଜିତ ବିଜେଡିର ବରିଷ୍ଠ ନେତା ତଥା ଜୀବନ ବିନ୍ଦୁ ମୋ ପରିବାରର ଜିଲା ସଂଯୋଜକ। ରଞ୍ଜିତ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ବୀରମହାରାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ଏବେ ସୁବଳୟା ପଞ୍ଚାୟତର ସମିତି ସଭ୍ୟ ଭାବେ ଅଛନ୍ତି। ବିଜେଡିର ସଂଗଠନ, ବିକାଶ ମୂଳକ କାର୍ଯ୍ୟ ଓ ଲୋକସମ୍ପର୍କକୁ ପାଥେୟ କରି ସେ ନିର୍ବାଚନରେ ବିଜୟୀ ହେବା ସହ ଦଳର ପୂର୍ବ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବେହେରା, ବରିଷ୍ଠ ନେତା ସ୍ୱୟମ୍ଭୁନାଥ ଖଣ୍ଡଗିରି ଦଳୀୟ ପ୍ରାର୍ଥୀ ରଞ୍ଜିତଙ୍କ ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। କଂଗ୍ରେସ ଲୁଡୁରପଙ୍କ ପଞ୍ଚାୟତର ସମିତି ସଭ୍ୟ ଲବ କୁମାର ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରିଛି। କଂଗ୍ରେସ ଦଳର ସଂଗଠନ ଏହି ଜୋନରେ ସେତେଟା ସୁଦୃଢ ନ ଥିଲେ ହେଁ ପ୍ରାର୍ଥୀ ଲବଙ୍କ ପ୍ରଭାବ ବେଶ ଅନୁଭୂତ ହେଉଛି। ଲବ ମୁର୍ଷୁଣ୍ଡି ପଞ୍ଚାୟତରେ ପୂର୍ବରୁ ୨ ଥର ସରପଞ୍ଚ ନିର୍ବାଚିତ ହୋଇ ନିଜ ଲୋକପ୍ରିୟତାର ପରିଚୟ ଦେଇଛନ୍ତି। ଏହି ଜୋନର କିଛି ଅଞ୍ଚଳରେ ସାହୁ ପରିବାରର ପ୍ରଭାବ ରହିଛି। ତେଣୁ କଂଗ୍ରେସ ପ୍ରାର୍ଥୀ ହିଁ ଏଠାରେ ବିଜେଡିକୁ ଟକ୍କର ଦେଉଥିବା ଦେଖିବାକୁ ମିଳିଛି। ଲବ ଘରକୁ ଘର ବୁଲି ପ୍ରଚାରକୁ ଜୋରଦାର କରିଥିବା ବେଳେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଭାଜପା ବୀରମହାରାଜପୁର କଲେଜର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ରାଧାକାନ୍ତଙ୍କୁ ପ୍ରାର୍ଥୀ କରି ପୁରୁଣା ଗଡକୁ ବଜାୟ ରଖିବାକୁ ଚେଷ୍ଟା କରୁଛି। ତେବେ ରାଧାକାନ୍ତ ଦଳୀୟ ଭୋଟ ରାଜନୀତିରେ ନବାଗତ। ଭାଜପାର ନୀତି ଆଦର୍ଶ ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ତେବେ ଏହି ଜୋନରେ ଭାଜପାର ଅନ୍ୟତମ ଟିକେଟ୍‌ ଆଶାୟୀ କିଶୋର ହୋତା ଦଳ ଛାଡିବା ଭାଜପା ପାଇଁ ଝଟକା ସଦୃଶ ହୋଇଛି। ସେହିପରି ଆପ୍‌ର ସୁରେଶ କଲତା ନିରାଡମ୍ବର ଭାବେ ଝାଡୁ ଧରି ନିଜର ପ୍ରଚାର ଜାରି ରଖିଛନ୍ତି।

**୨୦୧୭ ଭୋଟ ଫଳାଫଳ**

| ଦଳର ନାମ | ପାଇଥିବା ଭୋଟ |
|---|---|
| ଭାଜପା | ୧୩୭୩୨ |
| ବିଜେଡି | ୧୨୪୬୪ |
| କଂଗ୍ରେସ | ୭୨୫ |

## ବାଲଟ ପେପର ଗିଳି ଦେଲେ ଯୁବକ

**ସୋନପୁର,୧୮।୨(ନି.ପ୍ର.)**

ଭୋଟ ଗ୍ରହଣ ସମୟରେ ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର ନାଗପାଲି ମତଦାନ କେନ୍ଦ୍ରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ନାଗପାଲି ପ୍ରାଥମିକ ବିଦ୍ୟାଳୟକୁ ଭୋଟ ଦେବାକୁ ଆସିଥିବା ନାଗପାଲିର ବାଲଗୋପାଳ ମେଘାନି(୨୮) ହଠାତ୍‌ ଏକ ବାଲଟ ପେପରକୁ ଗିଳି ଦେଇଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ଘଣ୍ଟା ଧରି ମତଦାନ ପ୍ରକ୍ରିୟା ବନ୍ଦ ରହିଥିଲା। ପ୍ରିଜାଇଡିଂ ଅଫିସର ଓ ସୁରକ୍ଷା କର୍ମୀ ତାଙ୍କୁ ଅଟକ ରଖିଥିଲେ। ସୂଚନା ପାଇ ପୋଲିସ ବାଲଗୋପାଳଙ୍କୁ ସୋନପୁର ଥାନାକୁ ନେଇ ଆସିଥିଲେ । ସେ ନିଶାସକ୍ତ ଅବସ୍ଥାରେ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ସନ୍ଧ୍ୟାରେ ବାଲଗୋପାଳଙ୍କୁ ପୋଲିସ ଛାଡି ଦେଇଛି ।

## ବାଇକ୍ ଚୋରି ର୍ୟାକେଟକୁ ଧରିଲା ପୋଲିସ

**୮ ଚୋରି ବାଇକ୍ ଉଦ୍ଧାର**

**ଅମରପାଲି,୧୮।୨ (ଡି.ଏନ.ଏ.)**

ସୁବଳୟା, ବୀରମହାରାଜପୁର ଓ ଉଲୁଣ୍ଡା ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ଏକ ବାଇକ୍ ଚୋରି ର୍ୟାକେଟକୁ ଠାବ କରାଯାଇଛି। ଶୁକ୍ରବାର ଉକ୍ତ ର୍ୟାକେଟର ଜଣେ ଚୋରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ୮ଟି ଚୋରି ବାଇକ୍ ଜବତ ହୋଇଛି । ପ୍ରକାଶ ଯେ, ସୁବଳୟା ଥାନା ଅଧୀନସ୍ଥ ଡୁଙ୍ଗୁରି ଗାଁର ନିତେଇ ପାଣ୍ଡେଙ୍କ ହିରୋ ଡିଲକ୍ସ ବାଇକ୍ ଗତ ୮ ତାରିଖ ଦିନ ବଡଖମାରସ୍ଥିତ ସାପ୍ତାହିକ ବଜାରରୁ ଚୋରି ହୋଇଥିଲା। ଏ ନେଇ ସେ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିତେଇଙ୍କ ଅଭିଯୋଗକୁ ଆଧାର କରି ସୁବଳୟା ପୋଲିସ ନମ୍ବର ୧୭/୨୨ରେ ମାମଲା ରୁଜୁ କରି ବୀରମହାରାଜପୁର ଓ ଉଲୁଣ୍ଡା ପୋଲିସ ସହାୟତାରେ ଚୋରକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଚଢାଉ ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଇରମାଳ ଗାଁର ରଞ୍ଜନ ରାଜହଂସ ଓ ଅନ୍ୟ ୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ମନମୁଣ୍ଡା ଥାନା ରକ୍ସା ଗାଁର ଅନିଲ ବେହେରାଙ୍କୁ ଉଲୁଣ୍ଡା ପୋଲିସ ଆସନ୍ତାକାଲି କୋର୍ଟ ଚାଲାଣ କରିବାକୁ ଥିବା ବେଳେ ଅନ୍ୟ ଚୋର ଜଣକ ନାବାଳକ ହୋଇଥିବାରୁ ତାଙ୍କୁ ପି.ଆର ବଣ୍ଡରେ ଛାଡି ଦିଆଯାଇଥିବା ଜଣାଯାଇଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀଙ୍କ ନିର୍ଦ୍ଦେଶରେ ବୀରମହାରାଜପୁର ଏସଡିପିଓ ତୋଲାମଣି ଭୋଇଙ୍କ ନେତୃତ୍ୱରେ ସୁବଳୟା ଥାନାଧିକାରୀ ଅନିତା କିଡୋ, ବୀରମହାରାଜପୁର ଥାନାଧିକାରୀ ଅଞ୍ଜଲି କୁମ୍ଭାର, ଉଲୁଣ୍ଡା ଥାନାଧିକାରୀ ଚନ୍ଦ୍ରମୋହନ ସିଁ ପ୍ରମୁଖ ଚଢାଉରେ ସାମିଲ ଥିଲେ ।

# ସମ୍ମାନ ରକ୍ଷା ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ଅମରପାଲି,୧୮।୨(ଡି.ଏନ.ଏ.)**

**ବୀରମହାରାଜପୁର ଜୋନ-୨ ଜିଲା ପରିଷଦ**


ଚନ୍ଦ୍ରକାନ୍ତି ଦନ୍ତା(ବିଜେଡି)


ରାଜଗୋପାଳ ପାଣିଗ୍ରାହୀ(କଂଗ୍ରେସ)


ଶରତ ମିଶ୍ର(ଭାଜପା)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଜୋନ-୨ ଜିଲା ପରିଷଦ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅଣସଂରକ୍ଷିତ ରହିଛି। ବ୍ଲକର ୯ଟି ପଞ୍ଚାୟତ ପିତାମହୁଲ, କମିରା, ସୁବଳୟା,ସଂଗ୍ରାମପୁର, ଖଣ୍ଡହତା, ଲୁଡୁରପଙ୍କ, କେନଝରିଆପାଲି, ବହଳପଦର ଓ ଦୁର୍ଜନତୈଲାକୁ ନେଇ ଉକ୍ତ ଜିଲା ପରିଷଦ ଜୋନ ଗଠିତ। ଏଠାରେ ଆସନ୍ତା ୨୨ତାରିଖରେ ମତଦାନ ହେବ। ଉକ୍ତ ଜୋନରେ ବିଜେଡିରୁ ଚନ୍ଦ୍ରକାନ୍ତି ଦନ୍ତା, ଭାଜପାରୁ ଶରତ ମିଶ୍ର ଓ କଂଗ୍ରେସରୁ ରାଜଗୋପାଳ ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ପ୍ରାର୍ଥିନୀ ଚନ୍ଦ୍ରକାନ୍ତି ଏବେ ବହଳପଦର ପଞ୍ଚାୟତର ସରପଞ୍ଚ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ରାଜଗୋପାଳ ପୂର୍ବରୁ କେନଝରିଆପାଲିର ସରପଞ୍ଚ ଓ ବୀରମହାରାଜପୁର ଜୋନ-୧ରୁ ଥରେ ଜିଲା ପରିଷଦ ସଭ୍ୟ ମଧ ହୋଇଥିଲେ। ଏହାସହିତ କଂଗ୍ରେସ ପ୍ରାର୍ଥୀ ସଂପ୍ରତି ଜିଲା କଂଗ୍ରେସର ଉପ ସଭାପତି ମଧ ଅଛନ୍ତି। ମାତ୍ର ଶରତ ନୂଆ ମୁହଁ ଭାବେ ପ୍ରଥମ ଥର ପାଇଁ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେଣୁ ବିଜେଡି ଓ କଂଗ୍ରେସର ଦୁଇ ଅଭିଜ୍ଞ ଓ ଭାଜପାର ନୂଆ ଚେହେରା ମଧ୍ୟରେ ଲଢେଇ ହେବ। ଗତ ୨୦୧୭ ନିର୍ବାଚନରେ ଉକ୍ତ ଜୋନରେ ଭାଜପାର ଗାୟତ୍ରୀ ପାଣିଗ୍ରାହୀ ୧୫ ହଜାର ୮୦୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡିର ନମିତା ପଧାନ ୧୦ହଜାର ୯୩୬ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି କଂଗ୍ରେସର ବୁଲିରାଣୀ ପଧାନ ମାତ୍ର ୯୧୦ଖଣ୍ଡ ଓ ଆମ୍ବେଦକର ପାର୍ଟିର ସୁଷମା ବାଦୀ ୩୩୯ଖଣ୍ଡ ଭୋଟ ପାଇଥିଲେ। ମାତ୍ର ଚଳିତ ନିର୍ବାଚନରେ ଚିତ୍ର ଅଲଗା।

ତିନି ଦଳର ପ୍ରାର୍ଥୀ ସମ୍ମାନ ରକ୍ଷା ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। ତେଣୁ ଏଠାରେ ତ୍ରିମୁଖୀ ପ୍ରତିଦନ୍ଦ୍ୱିତା ହେଉଛି। ଭାଜପା ଗତଥର ଭଳି ଉକ୍ତ ସିଟକୁ ଦଖଲ ଲକ୍ଷ୍ୟରେ ଥିବା ବେଳେ ବିଜେଡି ବିଜୟ ପାଇଁ ଚେଷ୍ଟା କରୁଛି। ମନ୍ତ୍ରୀ ପଦ୍ମନାଭ ବେହେରା ଗାଁ ଗାଁ ବୁଲି ବିଜେଡି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସେପଟେ କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣି ପ୍ରଚାର କରି ବିଜୟ ଲକ୍ଷ୍ୟରେ ରହିଛି। ମାତ୍ର ଭୋଟର କାହାକୁ ମତଦାନ କରି ବିଜୟୀ କରାଇବେ ତାହା ନିର୍ବାଚନ ପରେ ହିଁ ସ୍ପଷ୍ଟ ହେବ।

**୨୦୧୭ ନିର୍ବାଚନ ଫଳାଫଳ**

| ଦଳର ନାମ | ପାଇଥିବା ଭୋଟ |
|---|---|
| ଭାଜପା | ୧୫୮୦୪ |
| ବିଜେଡି | ୧୦୯୩୬ |
| କଂଗ୍ରେସ | ୯୧୦ |

## ସୁବର୍ଣ୍ଣପୁର ଜିଲାରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ

**ସୋନପୁର,୧୮।୨(ନି.ପ୍ର.)**

**୮୫.୬୭% ମତଦାନ**

ସୁବର୍ଣ୍ଣପୁର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶୁକ୍ରବାର ସମ୍ପନ୍ନ ହୋଇଛି। ନିର୍ଦ୍ଧାରିତ ସମୟରେ ସୋନପୁର ବ୍ଲକର ୧୮୩ଟି ଓ ବିନିକା ବ୍ଲକର ୨୦୪ଟି ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ପ୍ରତିନିଧି ଚୟନ ପାଇଁ ମତଦାନ କରିଛନ୍ତି। ଜିଲାରେ ମୋଟ ୮୫.୬୭ ପ୍ରତିଶତ ମତଦାନ ହୋଇଛି। ମତାଧିକାର ସାବ୍ୟସ୍ତ ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। କେନ୍ଦ୍ରଗୁଡିକରେ ସକାଳ ୭ଟାରୁ ଲମ୍ବା ଲାଇନ ଲାଗିଥିଲା। ସୋନପୁର ବ୍ଲକରେ ରେକର୍ଡ ସଂଖ୍ୟାରେ ୮୬.୪୮ ପ୍ରତିଶତ ଓ ବିନିକା ବ୍ଲକରେ ୮୪.୬୦ ପ୍ରତିଶତ ମତଦାନ ହୋଇଛି। ୧୬ ପଞ୍ଚାୟତ ବିଶିଷ୍ଟ ବିନିକା ବ୍ଲକ ଓ ୧୪ ପଞ୍ଚାୟତ ବିଶିଷ୍ଟ ସୋନପୁର ବ୍ଲକରେ ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବ୍ଲକ ଦ୍ୱୟର ୧୩୦୨୭୬ ଭୋଟର ୩୮୭ଟି ଭୋଟ ଗ୍ରହଣ କେନ୍ଦ୍ରରେ ୧୪ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ୧୨୬ ସରପଞ୍ଚ, ୧୦୫ ସମିତି ସଭ୍ୟ ଓ ୪୩୧ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି।

ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦଳ ଓ ଭୋଟ ଗ୍ରହଣ ତଦାରଖ ସହ ଜରୁରୀକାଳୀନ ସହାୟତା ପାଇଁ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ସେହିପରି ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା। ଏହା ସହିତ ମୋବାଇଲ ପୋଲିସ ଟିମ୍‌ ବ୍ୟବସ୍ଥା ହୋଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ ଉଭୟ ବ୍ଲକ ଗସ୍ତ କରି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ନିର୍ବାହୀ ଅଧିକାରୀମାନଙ୍କୁ ମାଜିଷ୍ଟ୍ରେଟ୍‌ ଦାୟିତ୍ୱ ଦିଆ ଯାଇଥିଲା। ଭୋଟଗ୍ରହଣ କେନ୍ଦ୍ରଗୁଡିକରେ ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା।


ଭୋଟ ଗ୍ରହଣ କେନ୍ଦ୍ର ସମ୍ମୁଖରେ ଭୋଟର ଧାଡିରେ ଛିଡା ହୋଇଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ ୮୪.୯୧% ମତଦାନ

**ବୌଦ୍ଧ,୧୮।୨(ସ୍ୱ.ପ୍ର):** ବୌଦ୍ଧ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଥିବାବେଳେ ୮୪.୯୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । କାଁଭା ହିଂସାକୁ ଛାଡିଦେଲେ ମୋଟାମୋଟି ଭାବରେ ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି। ଜିଲାର ବୌଦ୍ଧ ବ୍ଲକର ୩ଟି ଜିଲା ପରିଷଦ ଜୋନ, ୨୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ୩୨୫ଟି ୱାର୍ଡ ମେମ୍ବର ପଦବୀ ପାଇଁ ମତଦାନ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୦୮୨୫୭ ଭୋଟରଙ୍କ ମଧ୍ୟରୁ ପୁରୁଷ ଭୋଟର ୫୫୪୫୮ ଥିବା ବେଳେ ୫୨୭୯୯ ମହିଳା ଅଛନ୍ତି। ସେଥିମଧ୍ୟରୁ ୯୧୯୨୦ ଭୋଟର ମତଦାନ କରିଥିଲେ। ସେଥିମଧ୍ୟରୁ ମହିଳା ଭୋଟର ୪୪୩୩୩ ଓ ପୁରୁଷ ଭୋଟର ୪୭୫୮୭ ମତଦାନ କରିଥିଲେ ।

# ପ୍ରଥମ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ୍ ଉଦ୍‌ଘାଟିତ

**ଅମରପାଲି,୧୮।୨(ଡି.ଏନ.ଏ.)**

**ଲୁଡୁରପଙ୍କକୁ ହରାଇ ଫାଇନାଲରେ ଅମରପାଲି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିରେ ପ୍ରଥମ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ଓ ଅବସରପ୍ରାପ୍ତ ସେନା ଅଧିକାରୀ ଅନନ୍ତ ପଧାନ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚଟି ଲୁଡୁରପଙ୍କ ଓ ଦାଦରପାଲି ମଧ୍ୟରେ ହୋଇଥିଲା ।ଏଥିରେ ଲୁଡୁରପଙ୍କ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଗୌଡଗାଡ ଦଳକୁ ଭାଲୁଡୁଙ୍ଗୁରୀ ହରାଇଥିଲା। ତୃତୀୟ ମ୍ୟାଚରେ ବରପଦରକୁ ବର୍ଡାକଟା ଦଳ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚରେ ଘିଚାପାଲିକୁ ଅମରପାଲି ହରାଇ ଥିବା ବେଳେ ପଞ୍ଚମ ମ୍ୟାଚରେ ବର୍ଡାକଟାକୁ ଅମରପାଲି ପରାସ୍ତ କରିଥିଲା । ଷଷ୍ଠ ମ୍ୟାଚରେ ଭାଲୁଡୁଙ୍ଗୁରୀକୁ ଲୁଡୁରପଙ୍କ ପରାସ୍ତ କରିଥିଲା। ସେମିଫାଇନାଲରେ ଲୁଡୁରପଙ୍କକୁ ହରାଇ ଅମରପାଲି ଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକରେ ଜୟପ୍ରକାଶ ସାହୁ, ଅଂଶୁମାନ ସାହୁ, ସମ୍ବିତ ମାଝୀ ଓ ମୁନ୍ନା ସାହୁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ନିତମ ରଞ୍ଜନ ପଧାନ ସ୍କୋରିଂ କରିଥିଲେ।


ଉଦଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି।

# ଭୋଟ ବର୍ଜନ କଲେ ଗ୍ରାମବାସୀ

**ବୌଦ୍ଧ,୧୮।୨(ସ୍ୱ.ପ୍ର.)**

ଜିଲାରେ ଚାଲିଥିବା ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଗୋଟିଏ ପଟେ ଭୋଟ ପାଇଁ ପ୍ରାର୍ଥୀମାନେ ଦ୍ୱାର ଦ୍ୱାର ବୁଲି ଭୋଟରମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିବାବେଳେ ଅନ୍ୟପଟେ ନିଜର ମୌଳିକ ଅଧିକାର ପାଇଁ ଭୋଟର ଭୋଟ ବର୍ଜନ କରୁଛନ୍ତି। ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତର ୧୩ ନମ୍ବର ୱାର୍ଡର ତିନୋଟି ଗ୍ରାମର ପ୍ରାୟ ୬୦୦ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାରକୁ ବର୍ଜନ କରିଛନ୍ତି। ସୂଚନା ମୁତାବକ ବୌଦ୍ଧ ବ୍ଲକର ବଣପାହାଡ ଘେରା ଟିକରପଡା ପଞ୍ଚାୟତର ଅନେକ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ପାଇଁ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସ୍ୱାଧୀନତାର ସାତଦଶନ୍ଧି ପରେ ମଧ୍ୟ ଗ୍ରାମର ଶିଶୁମାନଙ୍କ ପାଇଁ ଉତ୍ତମ ଶିକ୍ଷା ବ୍ୟବସ୍ଥା ନାହିଁ। ସ୍ୱାସ୍ଥ୍ୟ ସେବା ତ ଦୂରର କଥା ଅନେକ ଗ୍ରାମକୁ ଆମ୍ବୁଲାନସ ଯିବା ଭଳି ରାସ୍ତା ନାହିଁ। ବର୍ଷା ଦିନରେ ଏହି ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିଯାଇଥାଏ। ଅନେକ ନାଳରେ ପୋଲ ନିର୍ମାଣ ହୋଇପାରି ନ ଥିବାବେଳେ ଲୋକମାନେ ଦିନ ଦିନ ଧରି ପାଣି ଘେରରେ ଭୋକଉପବାସରେ ଦିନ ବିତାଇଥାନ୍ତି। ଗ୍ରାମରେ ନଳକୂଅ ନାହିଁ କି କୁଅ ନାହିଁ। ତେଣୁ ପାନୀୟଜଳ ପାଇଁ ମଧ୍ୟ ବହୁ ଦୂରକୁ ଯିବାକୁ ପଡୁଛି। ତେଣୁ


ଭୋଟ ବର୍ଜନ କରି ଲୋକେ ଧାରଣାରେ ବସିଛନ୍ତି।

**ବିକାଶ ନାହିଁ ତ ଭୋଟ ନାହିଁ**

ଅଞ୍ଚଳର ବିକାଶ ନାହିଁ ତ ଭୋଟ ଦେବୁନାହିଁ ବୋଲି ପଞ୍ଚାୟତର ୧୩ ନମ୍ବର ୱାର୍ଡର ତିନୋଟି ଗ୍ରାମ ଦମଣ୍ଡା,ସାଲଦରଙ୍ଗା ଓ ଲକଡପାଡ଼ାର ପ୍ରାୟ ୬୦୦ ଭୋଟର ପୂର୍ବରୁ ଜିଲାପ୍ରଶାସନକୁ ଅବଗତ କରାଇବା ସହିତ ଶୁକ୍ରବାର ଭୋଟଦାନ କେନ୍ଦ୍ର ସମ୍ମୁଖରେ ବସି ରହିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ସେକ୍ଟର ଅଫିସର ଓ କର୍ମଚାରୀମାନେ ବୁଝାଶୁଝା କରିଥିଲେ ମଧ୍ୟ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଲିଖିତ ଭାବରେ ଦିଆ ନ ଗଲେ ସେମାନେ ଭୋଟ ଦେବେନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଥିଲେ। ନିଜର ମୌଳିକ ଅଧିକାର ପାଇଁ ଗ୍ରାମବାସୀ ନିଜର ଗଣତାନ୍ତ୍ରିକ ଅଧିକାର ଭୋଟ ବର୍ଜନ କରିବା ଜିଲାର ବୁଦ୍ଧିଜିବୀ ମହଲରେ ଆଲୋଡନ ସୃଷ୍ଟି କରିଛି।